Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:241✦28 December 2025 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୪୧✦୨୮ ଡିସେମ୍ବର ୨୦୨୫ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଏନ୍‌ଆଇଟି ରାଉରକେଲାରେ ନୂଆ ପ୍ରକଳ୍ପର ଉଦ୍‌ଘାଟନ କଲେ ଶିକ୍ଷାମନ୍ତ୍ରୀ

ପ୍ରକଳ୍ପରେ ଖର୍ଚ୍ଚ ହେବ ୨୦୦ କୋଟି

ରାଉରକେଲା, ୨୭ /୧୨(ନି/ପ୍ର): ଏନ୍‌ଆଇଟି ରାଉରକେଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ଜାତୀୟସ୍ତର ପ୍ରକଳ୍ପର ଉଦ୍‌ଘାଟନ କଲେ ଶିକ୍ଷାମନ୍ତ୍ରୀ । ମାନ୍ୟବର ଦେହ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଏହି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପରେ ମୋଟ୍ ୨୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ । ଏହି ଅବସରରେ ଏକ ଆଧୁନିକ ଇଣ୍ଡୋର୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଓ ହଜାରେ ଆସନ ବିଶିଷ୍ଟ ଓପନ୍‌ଏୟାର୍ ଥିଏଟର ଉଦ୍‌ଘାଟିତ ହୋଇଛି । ଏଥିସହ ଆଉ ୩ଟି ବଡ଼ ପ୍ରକଳ୍ପର ଭିତ୍ତିସ୍ତର ସ୍ଥାପନ କରାଯାଇଛି । ଇଣ୍ଡୋର୍ ସ୍ପୋର୍ଟସ୍ କମ୍ପ୍ଲେକ୍ସଟି ୩୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହା ଛାତ୍ରଛାତ୍ରୀଙ୍କର ଶାରୀରିକ ଫିଟ୍‌ନେସ୍ ଓ ସମଗ୍ର ବିକାଶକୁ ଆଗେଇ ନେବାରେ ସାହାଯ୍ୟ କରିବ । ଏହି କମ୍ପ୍ଲେକ୍ସରେ ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଡେପୁଟି ସ୍ପିକର ଶ୍ରୀ ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ଶ୍ରୀ ସରବା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ଓ ଝାରସୁଗୁଡ଼ା ବିଧାୟକ ଶ୍ରୀ ସଞ୍ଜୟ ତ୍ରିପାଠୀ ଉପସ୍ଥିତ ଥିଲେ । ଅଙ୍କର୍ଜାତୀୟ ମାନଦଣ୍ଡ ଅନୁଯାୟୀ ନିର୍ମାଣ ହୋଇଥିବା ଏହି ଇଣ୍ଡୋର୍ କମ୍ପ୍ଲେକ୍ସରେ ଅନେକ ସୁବିଧା ରହିଛି । ସେଯେପରିକି ବ୍ୟାଡମିଣ୍ଟନ, ଲନ୍ ଟେନିସ ଓ ଭଲିବଲ ପାଇଁ ହଲ୍ । ଯୋଗ, ନୃତ୍ୟ, ସଙ୍ଗୀତ ଓ ନାଟକ ପାଇଁ ଅଲଗା ହଲ୍ । ଦୁଇଟି ଡବଲ୍-ହାଇଟ୍ ସ୍କ୍ୱାଶ୍ କୋର୍ଟ । ବାଷ୍କେଟବଲ ଓ ବ୍ୟାଡମିଣ୍ଟନ କୋର୍ଟ । ଫିଲ୍ମ ଓ ଫଟୋଗ୍ରାଫି ରୁମ୍ । ଆଧୁନିକ ଜିମନାସିୟମ ଓ ଅନ୍ୟାନ୍ୟ କକ୍ଷ ଓ ଲକର୍ ସୁବିଧା ମଧ୍ୟ ରହିଛି । ଏହି କ୍ରୀଡ଼ା କମ୍ପ୍ଲେକ୍ସ ଖେଳ ଓ ସାଂସ୍କୃତିକ କାର୍ଯ୍ୟକଳାପ ପାଇଁ ଏକ ସମ୍ପୂର୍ଣ୍ଣ ସୁବିଧା କେନ୍ଦ୍ର ଭାବେ ଗଢ଼ିଉଠିଛି ।

କଂଗ୍ରେସର ଶୀର୍ଷସ୍ତରୀୟ ବୈଠକ ଅନୁଷ୍ଠିତ

୨ଟି ମୁଖ୍ୟ ପ୍ରସଙ୍ଗରେ ଆଲୋଚନା

ନୂଆଦିଲ୍ଲୀ, ୨୭/୧୨: ଦିଲ୍ଲୀ ସ୍ଥିତ କଂଗ୍ରେସ ଦଳର ରାଷ୍ଟ୍ରୀୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି(ଡବଲ୍ଯୁ ସି) ବୈଠକ ଚାଲିଛି । ବୈଠକରେ ଆଗାମୀ ବର୍ଷ ପାଇଁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବା ସହିତ ୟୁପିଏ ସୁଗର ଏମଜିଏନଆରଇଜିଏ ଗ୍ରାମୀଣ ଚାକିରି ଗ୍ୟାରେଣ୍ଟି ଆଇନକୁ ବଦଳା ଯାଇଥିବା "ଜି ରାମ ଜି" ଆଇନ ବିରୁଦ୍ଧରେ ପରବର୍ତ୍ତୀ ପଦକ୍ଷେପଗୁଡ଼ିକ ପାଇଁ ବୈଠକ ଚାଲିଥିବା ସୂଚନା ମିଳିଛି । ବୈଠକରେ କଂଗ୍ରେସର ଉଚ୍ଚ ପଦଧାରୀମାନେ ସମେତ , ସାଂସଦ ଓ କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଅଛନ୍ତି । ବିହାର ନିର୍ବାଚନ ପରାଜୟ ପରେ ଆଜି ପ୍ରଥମଥର ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲୁସି) ବୈଠକ ବସିଛି । ବୈଠକରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡଗେ, ଶଶୀ ଚରୁର, ରାଜୀବ ଶୁକ୍ଳ, ଭୂପେସ ବଘେଲ, ମୁଖ୍ୟମନ୍ତ୍ରୀ ରେବନ୍ତ ରେଡି, ସୁଖବିନ୍ଦର ସିଂ ସୁଖୁ, ସିଦ୍ଧରମୟା ପ୍ରମୁଖ ଯୋଗ ଦେଇଛନ୍ତି । ବୈଠକରେ ଜି ରାମ ଜି ଆଇନ ବିରୁଦ୍ଧରେ ଜନ ସମର୍ଥନ ଅଭିଯାନକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉପରେ ଧ୍ୟାନ ଦେବାକୁ ବୈଠକରେ ଆଲୋଚନା ହେବାର ସୂଚନା ରହିଛି । ସଂସଦର ଶୀତଳାଳୀନ ଅଧିବେଶନରେ ୟୁପିଏ ସରକାରଙ୍କ ଦ୍ୱାରା ଆରମ୍ଭ "ଏମଜିଏନଆରଇଜିଏ" (ମନରେଗା)ର ନାମ ପରିବର୍ତ୍ତନ କଂଗ୍ରେସକୁ ବ୍ୟଥିତ କରିଛି । ଯାହାକୁ ୟୁପିଏ ସରକାରଙ୍କ ଐତିହ୍ୟର କ୍ଷୟ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ ଭାବରେ କଂଗ୍ରେସ ବର୍ଣ୍ଣାଇଛି । ଏହା ସହ ବୈଠକରେ ଆରାବଳୀ ପର୍ବତ ପ୍ରସଙ୍ଗରେ ମଧ୍ୟ ଆନ୍ଦୋଳନ କରିବା ପାଇଁ ଆଲୋଚନା ହେଉଥିବା ସୂଚନା ରହୁଛି । ସିଡବ୍ଲୁସି ବୈଠକରେ, ବିରୋଧୀ ଦଳ କଂଗ୍ରେସ ଏହିପ୍ରସଙ୍ଗରେ ସରକାରଙ୍କ ବିରୁଦ୍ଧରେ ଏକ ବେଶବ୍ୟାପୀ ଆନ୍ଦୋଳନ ଯୋଜନା ବୃଦ୍ଧାର କରିବ ବୋଲି ଅନୁମାନ କରାଯାଉଛି ।

କଳାହାଣ୍ଡିରେ ବାହାର ଠିକାଦାରଙ୍କୁ କାମ କରିବା ମନା

ଧର୍ମଗଡ, ୨୭/୧୨(ନି/ପ୍ର) :କଳାହାଣ୍ଡି ଜିଲ୍ଲାରେ ଆଗାମୀ ଦିନରେ ଜିଲ୍ଲା ବାହାର ଠିକାଦାରଙ୍କୁ ଅସହଯୋଗ କରାଯିବ । ଏହା ସହ ଠିକା କାମରେ ବ୍ୟବହୃତ ସାମଗ୍ରୀ ଯୋଗାଣରେ ପ୍ରତିବନ୍ଧକ କରାଯିବ ବୋଲି ଜିଲ୍ଲା ଠିକାଦାର ସଂଘ(କଇଲଇ)ର କାର୍ଯ୍ୟକାରୀ ସମିତିର ଧର୍ମଗଡ଼ଠାରେ ଅନୁଷ୍ଠିତ ହୋଇ ଯାଇଛି । ସଂଘର ଜିଲ୍ଲା ସଭାପତି ଜସ୍ତୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମିତିନିର ରେ ଭବାନୀପାଟଣା, ଧର୍ମଗଡ,କେସିଙ୍ଗା, ଜୟପାଟଣା ସମେତ ବିଭିନ୍ନ ଅଂଚଳରୁ ବହୁ ଠିକାଦାର ଯୋଗ ଦେଇଥିଲେ । ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ନିଷ୍ପତ୍ତି ଅନୁସାରେ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ବିଭାଗ ଦ୍ୱାରା ହେଉଥିବା ରାସ୍ତା କାମ,ପୋଲ କାମ ଓ ଅନ୍ୟାନ୍ୟ କାମରେ ଜିଲ୍ଲା ବାହାରର ଠିକାଦାରଙ୍କୁ ନ ଆସିବାକୁ ଅନୁରୋଧ କରିବା ସହ ଜିଲ୍ଲାର କାମକୁ କେବଳ ଜିଲ୍ଲାର ଠିକାଦାରମାନେ ହିଁ ସମ୍ପାଦନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଯଦି ଏହି ନିବେଦନକୁ ଜିଲ୍ଲା ବାହାର ଠିକାଦାରମାନେ ଗ୍ରହଣ ନ କରନ୍ତି ହେଲେ ସେହି ଠିକାଦାରଙ୍କୁ ଜିଲ୍ଲାରେ କାମ କରିବା ପାଇଁ ବାଲି ,ଗେଟି ଓ ଗିଟୁ ଯୋଗାଣରେ ଅସହଯୋଗ କରାଯିବ ବୋଲି ମଧ୍ୟ କୁହାଯାଇଛି । ଏପରିକି ବଡ ବଡ କାମରେ ୧୪ .୯୯ ଲେସରେ ଟେଣ୍ଡର ନପକାଇ ଚାକୁସିଖୁସି ଟେରେରେ ଟେଣ୍ଡର କରିବାକୁ ସମ୍ପର୍କିତ କରାଯାଇଛି। ଯାହାଦ୍ୱାରା ଠିକାଦାରମାନେ ଦିପଇସା ପାଇବା ସହ କାମର ମାନ ମଧ୍ୟ ଠିକ୍ ହୋଇ ପାରିବ ବୋଲି ଠିକାଦାରମାନେ କହିଛନ୍ତି । ବୈଠକରେ ସଂଘର ଉପ ସଭାପତି ବଳରାଙ୍ଗ ଅଗ୍ରୱାଲ,ସଂଘ ସଦସ୍ୟ ଗଂଜନ ସାହୁ,ଚନ୍ଦ୍ର ସେଠୀ,ଲୋକେଶ ଶର୍ମା, ଠିକାଦାର ମାନେ ଉପସ୍ଥିତ ଥାଇ ନିଜ ନିଜ ମତ ରଖିଥିଲେ ।

ସୀତାକୁଣ୍ଡରେ ବୁଡି ୨ ପର୍ଯ୍ୟଟକ ମୃତ

ବାରିପଦା, ୨୭/୧୨(ନି/ପ୍ର):ମୟୂରଭଞ୍ଜ ଜିଲ୍ଲାର ଶାମାଖୁଂଟା ବୁଲରେ ଥିବା ପର୍ଯ୍ୟଟନ ସ୍ଥଳୀ ସୀତାକୁଣ୍ଡରୁ ବୁଡିବାକୁ ଆସି ଆଜି ପୂର୍ବାହ୍ନରେ ସୀତାକୁଣ୍ଡରେ ଗାଧୋଇଥିବାବେଳେ ଗଭୀର ପାଣିରେ ବୁଡି ଦୁଇ ଜଣ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଦୁଇ ଜଣ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ୨ ଜଣ ହେଉଛନ୍ତି ଭଦ୍ରକ ଥାନା ଅନ୍ତର୍ଗତ ଅଣ୍ଡେଇପଲ୍ଲୀ ଗ୍ରାମର ୨୩ ବର୍ଷୀୟ ସତ୍ୟବ୍ରତ ନାୟକ ଓ ୧୮ ବର୍ଷୀୟ ଅଭିଷେକ ନାୟକ । ବାରିପଦା ସଦର ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଠାଇଥିଲା ।

ଅଫଲାଇନରେ ବି ପୈଠ କରିହେବ ଇ-ଚାଲାଣ

ଭୁବନେଶ୍ୱର, ୨୭/୧୨(ନି/ପ୍ର): ଯଦି ଆପଣଙ୍କର ଚାଲାଣ ଜମିଛି ତେବେ ଆପଣ ଅନଲାଇନ ସହିତ ଏବେ ଅଫଲାଇନରେ ବି ପୈଠ କରିପାରିବେ । ଜନସାଧାରଣଙ୍କ ସୁବିଧା ପାଇଁ ନଗଦ ଅର୍ଥ ଗ୍ରହଣ ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ପରିବହନ ବିଭାଗ । ଏଥିପାଇଁ ଆଟଂଜିଲ ପରିବହନ

କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ମୋବାଇଲ ନମ୍ବର ଅପଡେଟ ରଖି ନଥିବାରୁ ଓଟିପି ପାଇନଥିବା ଗାଡି ମାଲିକ ଓ ଦୁର୍ବଳ ଇଣ୍ଟରନେଟ ଅଂଚଳରେ ଲୋକଙ୍କ ପାଇଁ ଅଫଲାଇନ ସହାୟକ ହେବ ବୋଲି କୁହାଯାଇଛି । ଅନଲାଇନରେ ପୂର୍ବଭଳି https://echallan.parivahan.gov.in/ ରେ ଇ-ଚାଲାଣ ପୈଠ କରିହେବ ।

ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ

ଇୟପୁର, ୨୭/୧୨(ନି/ପ୍ର): ଇୟପୁର ସହରର ବେଶ ଜଣାଶୁଣା ତଥା ଟାଇମସ ଅଫ ଇଣ୍ଡିଆର ସାମ୍ବାଦିକ ସତ୍ୟପଟ୍ଟନାୟକଙ୍କ ମାତା ସ୍ୱର୍ଗତା ସୁଶାନ୍ତି ପଟ୍ଟନାୟକଙ୍କ ଗତକାଲି ରାତି ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୯ବର୍ଷ ହୋଇଥିଲା । ସ୍ୱର୍ଗତା ସୁଶାନ୍ତି ଜଣେ ମୋଲାପି ଓ ପରୋପକାରୀ ମହିଳା ଥିଲେ । ଗତକାଲି ରାତି ୧୧ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ଚିକିତ୍ସା କରିବା ସମୟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା ।

ଶ୍ରୀମନ୍ଦିର ଯାଇ ଦାରୁ ଦିଅଁଙ୍କ ଦର୍ଶନ କଲେ ମୁଖ୍ୟ ନିର୍ବାଚନ କମିଶନର

ପୁରୀ, ୨୭/୧୧(ନି/ପ୍ର): ପୁରୀ ଗସ୍ତରେ ମୁଖ୍ୟ ନିର୍ବାଚନ କମିଶନର। ସପରିବାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଗାଳିବ ଲାଭ କରିଛନ୍ତି ଜ୍ଞାନେଶ କୁମାର। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ମୁଖ୍ୟ ନିର୍ବାଚନ କମିଶନ ଓ ତାଙ୍କ ପତ୍ନୀ ପହଂଚିବା ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ବିଦ୍ୟୁଜ୍ଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂହ ସହିତ ପରିଚାଳନା କମିଟିର ସେବାୟତମାନ୍ଙ୍କେ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମୁଖ୍ୟ ନିର୍ବାଚନ କମିଶନର ସପତ୍ନୀକ ଶ୍ରୀମନ୍ଦିର ଯାଇ ରତ୍ନ ସିଂହାସନରେ ବଡ଼ଦାଁମୂର୍ତ୍ତିଙ୍କ ଦର୍ଶନ କରି ବେଶ୍ ଲାଭ ବିଭୋର ହୋଇଥିଲେ। ପରେ ମା' ବିମଳା, ମା' ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଜ୍ଞାନେଶ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ମୋ ପରିବାର ସହିତ ଆଜି ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲି। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ଆଜି ମୋ ପାଇଁ ଶୁଭ ଅବସର ହୋଇପାରିଛି। ଓଡ଼ିଶାର କଳା, ସଂସ୍କୃତି ଓ ଭାଷା ଭାରତର ସବୁଠାରୁ ପ୍ରାଚୀନ କଳା। ଏହା ବିଷୟରେ ବୁଝିବା ଏବଂ ଜାଣିବାର ସୁଯୋଗ ମତେ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ସେପରେ ମୁଖ୍ୟ ପ୍ରଶାସକ କହିଛନ୍ତି ମହାପ୍ରଭୁଙ୍କ ଦର୍ଶନ କରି ମୁଖ୍ୟ ନିର୍ବାଚନ କମିଶନର ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ଭିତର ଜାଠ ନିଜେରୁ ମହାପ୍ରଭୁଙ୍କ ଦର୍ଶନ ସହ ଆଶୀର୍ବାଦ ଲାଭ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ୨୯ତାରିଖ ଅପରାହ୍ନ ୩ଟା ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ କୃଷି ସ୍ନାତକ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକଲେଖଅଧିକ୍ଷତା କରିସେମାନଙ୍କୁ ସମ୍ବୋଧନକରିବେ

ଫେବୃଆରୀରୁ ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକର

ଭୁବନେଶ୍ୱର, ୨୭/୧୨(ନି/ପ୍ର) : ଫେବୃଆରୀରୁ ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକ୍ ! ପ୍ରଦୂଷଣ ସାର୍ଟିଫିକେଟ୍ ଥିଲେ ଗାଡ଼ିରେ ଲାଗିବ ସବୁଜ ଷ୍ଟିକର। ଏହି ଷ୍ଟିକର ଦେଖିଲେ ଯାଇ ପେଟ୍ରୋଲ୍ ପମ୍ପରେ ତେଲ ଦେବେ କର୍ମଚାରୀ। ଏନେଇ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୁତି ଜେନା। ସେ କହିଛନ୍ତି ଯେ, ମୋଟର ଭେଇକିଲ୍ ଆକ୍ଟ ଅନୁଯାୟୀ, ଗାଡିର ସବୁ ପ୍ରକାର ପ୍ରମାଣପତ୍ର ରହିବ କଥା। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ସାର୍ଟିଫିକେଟ୍ ଦେଖିବ କରାଯାଇଛି। ଯାହାର ପ୍ରଦୂଷଣ ପ୍ରମାଣପତ୍ର ନାହିଁ ତାଙ୍କ ଉପରେ

ଅମାନିଆଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

କାର୍ଯ୍ୟାନୁଷ୍ଠାନ ହେବ। ଫାଇନ୍ ନେଇ ମନ୍ତ୍ରୀ କହିଛନ୍ତି ଯେ, ୨୦୧୯ରେ ଲାଗୁ ହୋଇଥିବା ବର୍ଦ୍ଧିତ ଫାଇନ୍ ର କୋହଳ ପାଇଁ ତର୍କମା କରିବୁ। ନୂଆଗାଡ଼ିକୁ ବି ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି। ପୁରୁଣା ଗାଡିକୁ ବି ସାର୍ଟିଫିକେଟ୍ ମିଳୁଛି। ଏହାର ତର୍କମା କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ନେଇ କହିଛନ୍ତି ଯେ, ରାଜ୍ୟରେ ଖୁବଶୀଘ୍ର ଏହି ସେବା ଲାଗୁ ହେବ। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସହ ଆଲୋଚନା ସରିଛି। ଏହାଦ୍ୱାରା ବିଭାଗର ଯେମିତି କ୍ଷତି ହେବନି ସେନେଇ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଥିବା ୧୪୨୨ଟି ବସ୍ ଯୋଗେ ସ୍କୁଲ ପିଲାଙ୍କୁ ମାଗଣାରେ ଏହି ସେବା ଯୋଗାଇ ଦିଆଯିବ। କେଉଁ ରୁଟରେ କେତେ ବସ୍ ଚାଲିବା ଦରକାର ତାହା ଜଏଜଞ୍ଜଭ ସ୍ଥିର କରିବ। ସେପରେ ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ନବ ନିର୍ମାଣ ଛାତ୍ର ସଙ୍ଗଠନ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି। ପ୍ରଦୂଷଣ ପାଇଁ ବିଭିନ୍ନ ଶିଳ୍ପ, ଜନଷ୍ଟକସନ୍ ସାଇଟ୍ ଦାୟୀ ଥିବା ବେଳେ ତାଙ୍କ ଠାରୁ ଫାଇନ୍ ଆଦାୟ ନକରି କେବଳ ଜନସାଧାରଣଙ୍କୁ ଲୁଟୁଥିବା ଛାତ୍ର ସଙ୍ଗଠନ ଅଭିଯୋଗ କରିଛି। ଆଜି ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ସହ ଶାନ୍ତି ଆଲୋଚନା କରିବା ପାଇଁ ଆନ୍ଦୋଳନକାରୀମାନେ ନିଜ ହାତକୁ ଗାମୁଛାରେ ବାନ୍ଧି ଆସିଥିବା ବେଳେ ପୁଲିସ ସେମାନଙ୍କୁ ଅଧିକାରୀଙ୍କୁ ଭଠାଇ ନେଇଯାଇଛି। ଏନେଇ ମନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆନ୍ଦୋଳନ କରିବା ସମସ୍ତଙ୍କ ଅଧିକାର। ଜନସାଧାରଣଙ୍କୁ ହରାଣ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଲୋକଙ୍କ ସୁବିଧା ପାଇଁ ନିୟମ ହୋଇଛି। ଏକ ମାସ ପାଇଁ ସେତେବେଳ କରାଯିବ। ମୋଟର ଯାନ ଆଇନ ମାନିବ ପାଇଁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ଜର୍ଜ ବୁଶ୍‌ଙ୍କୁ ସତର୍କ କରାଇଥିଲେ ପୁଟିନ :

ପାକ୍ ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଦ

ମସ୍କୋ, ୨୭/୧୨: ପାକିସ୍ତାନର ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଜ୍ଜନକ ଏବଂ ଏଥିପାଇଁ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ୨୪ ବର୍ଷ ତଳେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କୁ ଚେତାଇ ଦେଇଥିଲେ । ପୁଟିନ ଓ ବୁଶ୍‌ଙ୍କ ମଧ୍ୟରେ ୨୦୦୧ରୁ ୨୦୦୮ ପର୍ଯ୍ୟନ୍ତ ହୋଇଥିବା ଗୋପନୀୟ କଥାବାର୍ତ୍ତାର କେତେକ ରେକର୍ଡ ଏବେ ପ୍ରକାଶ ପାଇଛି। ଏଥିରେ ପାକିସ୍ତାନର ପରମାଣୁ ଅସ୍ତ୍ରଶସ୍ତ୍ର ଓ ରାଜନୈତିକ ଅସ୍ଥିରତା ଉପରେ ଉଭୟ ନେତା ଗଭୀର ଚିନ୍ତା ପ୍ରକାଶ କରିଥିଲେ । ୨୦୦୧ ଜୁନ୍ ୧୬ରେ ସ୍ଲୋଭେନିଆର ଡ୍ରେଡୋ ଜ୍ୟାଷ୍ଟଲ୍‌ରେ ହୋଇଥିବା ପ୍ରଥମ ବ୍ୟକ୍ତିଗତ ବୈଠକରେ ପୁଟିନ ବୁଶ୍‌ଙ୍କୁ କହିଥିଲେ, 'ମୁଁ ପାକିସ୍ତାନ ବିଷୟରେ ଚିନ୍ତିତ। ଏହା କେବଳ ପରମାଣୁ ଅସ୍ତ୍ର ଥିବା ଏକ ସୈନିକ ଶାସନ । ସେଠାରେ ଗଣତନ୍ତ୍ର ବୋଲି କିଛି ନାହିଁ, ତଥାପି ପଶ୍ଚିମ ଦେଶଗୁଡ଼ିକ ଏହାର ସମାଲୋଚନା କରନ୍ତି ନାହିଁ।' ପାକିସ୍ତାନର ତତ୍କାଳୀନ ସେନା ଶାସକ ପରଭେଜ ମୁଶରଫଙ୍କ ଶାସନକୁ ସିଧାସଳଖ ଟାର୍ଗେଟ କରି ପୁଟିନ ଏହା କହିଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ପାକିସ୍ତାନର ଭୂମିକା ନେଇ ମଧ୍ୟ ପୁଟିନ ଚିନ୍ତାବ୍ୟକ୍ତ କରିଥିଲେ। ବୁଶ୍ ପୁଟିନଙ୍କ ଉଦ୍‌ବେଗକୁ ସମର୍ଥନ କରି କହିଥିଲେ, ଏହା ଆମକୁ ମଧ୍ୟ ଚିନ୍ତିତ କରୁଛି। ସେ ମୁଶରଫ୍‌ଙ୍କ ସହ କଥା ହୋଇଥିବା କହି ପରମାଣୁ ବିଜ୍ଞାନୀ ଏକ୍ୟୁ ଖାନ୍‌ଙ୍କୁ ଗୃହବନ୍ଦୀ କରାଯାଇଥିବା ଉଲ୍ଲେଖ କରିଥିଲେ, କିନ୍ତୁ ଇରାନ ଓ ଉତ୍ତର କୋରିଆକୁ ପାକିସ୍ତାନ ଦ୍ୱାରା ପରମାଣୁ ପ୍ରଯୁକ୍ତି ହସ୍ତାନ୍ତର ଉପରେ ଚିନ୍ତା ପ୍ରକାଶ କରିଥିଲେ। ୨୦୦୪ରେ ଏକ୍ୟୁ ଖାନ୍ ?ଙ୍କ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଟାଟା ଷ୍ଟିଲ ୟାଟ୍ସ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦୁଝର ଝିଅ ଶ୍ୱେତଲୀନଓ ପୁରସ୍କୃତ

ଇସ୍ରୋ ପରିଦର୍ଶନ ପାଇଁ ମନୋନୀତ

କେନ୍ଦୁଝର, ୨୭/୧୨(ନି/ପ୍ର): ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟାଲେଣ୍ଟ ସର୍ଚ୍ଚ) ର ଗ୍ରାଣ୍ଡ ଫିନାଲେ -୨୫ ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ୍ ର ନବମ ଶ୍ରେଣୀ ର ଛାତ୍ରୀ ଶ୍ୱେତଲୀନଓ ବେହେରା ରାଜ୍ୟ ର ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ଯାତ୍ର କାର୍ଯ୍ୟକ୍ରମରେ ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲାରୁ ୭୬,୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୬୦ ଜଣ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ରେ ଆୟୋଜିତ ପ୍ରତିଦ୍ୱନ୍ଦ୍ୱିତା ରେ ଯୋଗ ଦେଇଥିଲେ ଯେଉଁଥିରୁ ୩୦ ଜଣ ଙ୍କୁ ଶ୍ରେଷ୍ଠ ବିବେଚନା କରାଯାଇଥିଲା ଓ ନିଜ ସଫଳତା ସମ୍ପର୍କରେ ଶ୍ୱେତଲୀନଓ କହିଛନ୍ତି, ' ରାଜ୍ୟର ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବି ବୋଲି ମୁଁ କେବେବି କଳ୍ପନା କରିନଥିଲି ଓ ଏଥିପାଇଁ ମୁଁ ବହୁତ ଖୁସି ଏବଂ ମୋର ବାପା, ମା, ଶିକ୍ଷକ, ଶିକ୍ଷୟିତ୍ରୀ, ସାଙ୍ଗ ସାଥି ସର୍ବୋପରି ମୋର ଗାଇଡ୍ ଙ୍କୁ ଅଶେଷ ଧନ୍ୟବାଦ୍ ଓ ମୁଁ ଇସ୍ରୋ ପରିଦର୍ଶନ କରିବା ପାଇଁ ସୁଯୋଗ ପାଇଥିବାରୁ ଅଧିକ ଆନନ୍ଦିତ ଓ ଏଭଳି ବିଜ୍ଞାନ ଭିତ୍ତିକ ଶିକ୍ଷଣୀୟ କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲ କୁ ଧନ୍ୟବାଦ । ୧୯ ତମ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଅଧୀନ ରେ ଥିବା ପଠାଣି ସାମନ୍ତ ପ୍ଲାନେଟାରିୟମ୍ର ମିଳିତ ସହଯୋଗରେ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ଯାତ୍ସର ଚଳିତ ସଂସ୍କରଣର ବିଷୟବସ୍ତୁ ରହିଥିଲା "ଆଜିର ନକ୍ଷତ୍ରବର୍ଣ୍ଣୀ, ଆସନ୍ତାକାଲିର ମହାକାଶବୀରୀ । କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ୬୦ ଜଣ ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରଓ ଅରୁମୁଗମ, ପ୍ଲାନେଟାରିୟମ୍ ? ନିର୍ଦ୍ଦେଶକ (ଭାରପ୍ରାପ୍ତ) ଭର୍ମିପ୍ରଭା ମହାରଣା, ଟାଟା ଷ୍ଟିଲ୍ର ଉପସଭାପତି (କର୍ପୋରେଟ୍ ସର୍ଭିସେସ) ଶ୍ରୀ ବି ବି ସୁନ୍ଦର ନମମ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ଓ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରେ ସେଫ୍ଟି ଅପରେସନ୍ସ ଏବଂ ସିଷ୍ଟମ୍ସ ଇଂଜିନିଅରିଂ ବିଭାଗ ନିଦେଶକ-ଏସଜି ଏବଂ ଇପି ଓ ଏଫ୍ଏମଜି ମୁଖ୍ୟ ଶ୍ରୀ ଅମିତାଭ ମହାନ୍ତି, "ସେରେଣ୍ଡିପିଟି ସ୍ପେସ" (ମହାକାଶରେ ଔଷଧୀୟ ଉତ୍ପାଦର ନିର୍ମାଣ ଓ ସୁରକ୍ଷିତ ଭାବେ ଏହାକୁ ପୃଥିବୀ ପୃଷ୍ଠକୁ ଆଣିବାରେ ସହଯୋଗ କରିବା ପାଇଁ ଉପଯୁକ୍ତ ବିକଶିତ କରୁଥିବା କମ୍ପାନୀ)ର ସହ ସଂସ୍ଥାପକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅନ୍ତରୀକ୍ଷ ପରିଜା ପିଲାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ନିଜର ଅନୁଭୂତି ବାଣ୍ଟିଥିଲେ । ଏଥିସହିତ, ଭୁବନେଶ୍ୱରର ଏଆଇ ଭେଲଲପର ଏବଂ ଯାତ୍ସ-୨୦୧୫ରେ ସାମିଲ ହୋଇଥିବା ପୂର୍ବତନ ଛାତ୍ର ଆୟୁଷ ବଜାଜ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ୨୦୦୭ ମସିହାରେ ଯାତ୍ସ ଶୁଭାରମ୍ଭ ପରଠାରୁ ଏଥିରେ ୪.୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୋଡି ହୋଇଛନ୍ତି ।

ଧାମନଗରରେ ବିଜେଡିକୁ ଶକ୍ତ ଝଟକା

ବିଜେପିରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

ଭଦ୍ରକ, ୨୭/୧୨(ନି/ପ୍ର): ଏହି ଜିଲାର ଧାମନଗର ନିର୍ବାଚନ ମଣ୍ଡଳୀରେ ବିରୋଧୀ ବିଜେଡି ଶିବିରରେ ବଡ଼ଧରଣର କମ୍ପନ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧାମନଗର ବ୍ଲକ ଅର୍ଜୁନପୁର ଓ ନଦୀଗାଁ ଂଚାୟତର ଶତାଧିକ ଅଧିକ ସକ୍ରିୟ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କ ସରକାରୀ ବାସଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ କର୍ମୀମାନେ ବିଧିବଦ୍ଧ ଭାବେ ବିଜେପି ରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଅର୍ଜୁନପୁର ଂଚାୟତର ବହୁ ବରିଷ୍ଠ ନେତାଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିତ୍ୱ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବିଭୀଷ ରାଉତ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ହୁନଚନ୍ଦ୍ର ଲେଙ୍କା ପ୍ରମୁଖ ବିଜେପିର ନୀତି ଆଦର୍ଶ ଗ୍ରହଣ କରିଛନ୍ତି । ସେହିପରି ନଦୀଗାଁ ଂଚାୟତ ଗ୍ରୁ ହରିହର ବେହେରା, ୮ ନମ୍ବର ୱାର୍ଡର ୱାର୍ଡ ସଭ୍ୟ ସଞ୍ଜୟ ବେହେରା, ୱାର୍ଡ ସଭ୍ୟ ଗଙ୍ଗାଧର ପତି ଏବଂ ନରେଶ ପରିଡ଼ା'ଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ନୂତନ ସଦସ୍ୟଙ୍କୁ ବଜାଣ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଅର୍ଜୁନପୁର ଓ ନଦୀଗାଁ ଂଚାୟତରେ ବର୍ତମାନ ବିଜେଡି ସମର୍ଥିତ ସରପଂଚ ଥିବା ବେଳେ, ଏତେ ସଂଖ୍ୟକ କର୍ମୀଙ୍କ ବଦଳାଖାତ ବିଜେଡି ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି । ଏହି କାର୍ଯ୍ୟକ୍ରମରେ ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ଅର୍ଜୁନପୁର ସମିତି ସଭ୍ୟ ବିଦ୍ୟାଧର ରାଉତ, ବରିଷ୍ଠ ବିଜେପି ନେତା ବଡ଼ଭୂଜ ନାୟକ ସମେତ ବହୁସଂଖ୍ୟକ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

ଏସୟୁଯେ ଭଦ୍ରକ ଶାଖାର ବାର୍ଷିକ ବୈଠକ ଓ ବନ୍ଧୁ ମିଳନ

ଭଦ୍ରକ,୨୭/୧୨(ନି/ପ୍ର): ଭଦ୍ରକ ଏସୟୁଯେ ଶାଖାର ବାର୍ଷିକ ବୈଠକ ଏବଂ ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ରୋଟାରୀ ଭବନ ପରିସରରେ ସଙ୍ଘର ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ପ୍ରତାପ ବାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏସୟୁଯେ ର ରାଜ୍ୟ ସଭାପତି ଜୈକାସ ଚନ୍ଦ୍ର ନାୟକ ଏବଂ ସମ୍ମାନୀତ ଅତିଥି ଭାବେ କାରୀତ୍ର କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣୀ ପାଢ଼ୀ, ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ ଏବଂ ସଙ୍ଘ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନିହାର ବାସ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ତପନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ ସହିତ ସ୍ୱାଗତ ଭାଷଣ ଦେଇଥିଲେ ।

ଧର୍ମପରାୟଣା ମହିଳା ଭାନୁମତୀ ପଣ୍ଡାଙ୍କ ପରଲୋକ

ବଲାଙ୍ଗିର,୨୭/୧୨(ନି/ପ୍ର): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟସ୍ଥ ଆଲୋକ ନଗର ବାସିନ୍ଦା ପୀତବାସ ପଣ୍ଡାଙ୍କ ଧର୍ମପତ୍ନୀ ଶ୍ରୀମତୀ ଭାନୁମତୀ ପଣ୍ଡାଙ୍କର ପରଲୋକ ହୋଇଯାଇଛି । ସ୍ୱର୍ଗତ ଭାନୁମତୀ ପଣ୍ଡା ଜଣେ ଧର୍ମପରାୟଣା ଓ ବନ୍ଧୁବତ୍ସଳା ମହିଳା ଭାବେ ଜଣାଶୁଣା ଥିଲେ । ପ୍ରାୟ ୮ ଦିନ ପୂର୍ବରୁ ସମ୍ବଲପୁରରେ ଏକ ବିବାହ ଉତ୍ସବରେ ଯୋଗଦେବା ବେଳେ ଶ୍ରୀମତୀ ପଣ୍ଡା ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ବୁର୍ଲା ସ୍ଥାନାନ୍ତର କରି ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅପରେସନ ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ଗତକାଲି ରାତି ପ୍ରାୟ ୯ଘଂଟା ୫୦ମି. ରେ ଭୁବନେଶ୍ୱର ଘରୋଇ ହସପିଟାଲରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ତାଙ୍କର ପତି ପୀତବାସ ପଣ୍ଡା, ଏକମାତ୍ର ପୁତ୍ର ସାଜିତ ପଣ୍ଡା (ଟିଙ୍କୁ) ତିନି ଝିଅ ସ୍ନିଗ୍ଧାମୟୀ, ସ୍ମିତା ଓ ସ୍ପନ୍ଦାଙ୍କ ସହ

୪୫ତମ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ କେନ୍ଦୁଝରର ଝିଅ ସୁନିତା ଓ ସାବିତ୍ରୀଙ୍କ କମାଲ

କେନ୍ଦୁଝର, ୨୭/୧୨(ନି/ପ୍ର): ଛତିଶଗଡର ରାଏପୁର ଠାରେ ସଦ୍ୟ ସମାପ୍ତ ହୋଇଥିବା ଏନଟିପିସି ଜାତୀୟ ଜୁନିଅର ତୀରନ୍ଦାଜ ପ୍ରତିଯୋଗିତାର ୪୫ତମ ସଂସ୍କରଣରେ କେନ୍ଦୁଝର କ୍ରୀଡା ଛାତ୍ରଛାତ୍ରୀବାସର ଝିଅ ସୁନିତା ନାୟକ ଓ ସାବିତ୍ରୀ ପାତ୍ର ରିଜର୍ଭ ରାଉଣ୍ଡ ଟିମ ଇଭେଂଟରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିବା ସହ ସମଗ୍ର ରାଜ୍ୟ ତଥା ଜିଲ୍ଲା ପାଇଁ ଏକ କୀର୍ତିମାନ ସ୍ଥାପନ କରି ସମଗ୍ର ରାଜ୍ୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ଷ୍ଟ ଓଡିଶା ଟାଟା ତୀରନ୍ଦାଜ ଏକାଡେମୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଦୁଇ ଛାତ୍ରୀ ସୁନିତା ଓ ସାବିତ୍ରୀ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହି ନିଜର ଅଭ୍ୟାସ ଜାରି ରଖିଥିଲେ । ଏହି ଚାମ୍ପିୟନଶିପ୍ ଛତିଶଗଡ଼ର ରାୟପୁରରେ ଡିସେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଗତ ଏକ ବର୍ଷ ଧରି କଠିନ ପ୍ରଶିକ୍ଷଣ ପରେ ସେମାନେ ଏହି ସଫଳତା ହାସଲ କରିଛନ୍ତି । ଏହି ଦଳରେ ଜିତପ୍ତ ଭୁବନେଶ୍ୱରରୁ ମାନସ୍ୱରୀ ହାଁସଦା ଓ ସୁନ୍ଦରଗଡ଼ରୁ ମମିତା ଓରାମ ମଧ୍ୟ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିଥିଲେ । ଜାଂସ୍ୟ ପଦକ ହାସଲ କରିବା ପାଇଁ ଓଡ଼ିଶା ଦଳ ଜନର ପ୍ରଦେଶ ଦଳକୁ ପରାଜିତ କରିଥିଲା ।ଏହା ପ୍ରଥମ ଥର ପାଇଁ ଓଡ଼ିଶା ମହିଳା ରିଜର୍ଭ ଦଳ ଜୁନିଅର ଜାତୀୟ ଆର୍ଚ୍ଚେରୀ ଚାମ୍ପିୟନଶିପ୍‌ରେ ପଦକ ଜିତି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି । ଏହି ଉପଲବ୍ଧି ଉପଲକ୍ଷେ ଟାଟା ଷ୍ଟିଲ୍‌ର ସ୍ପୋର୍ଟସ୍ ଡିପ୍ ମୁକୁଳ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ହେଡ୍ ହେମନ୍ତ ଗୁପ୍ତା, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ବିଭାଗର ଆକାଶ, ଓଡ଼ିଶା ଟାଟା ଆର୍ଚ୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ହେଡ୍ କୋଚ୍ ବିକାଶ ଉପାଧ୍ୟାୟ, ଓଡ଼ିଶା ଆର୍ଚ୍ଚେରୀ ସଂଘର ସଚିବ ସମ୍ପୂର୍ଣାନନ୍ଦ ଦାସ, ଓଡ଼ିଶା କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତଥା ଆସୋସିସିଏସନ୍‌ର ସମସ୍ତ ସଦସ୍ୟ, ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସର ସମସ୍ତ କର୍ମଚାରୀ, ଓଡ଼ିଶା ଟାଟା ଆର୍ଚ୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ସମସ୍ତ ସଦସ୍ୟ ଓ ଅଭିଭାବକ, ସହିତ ଟାଟା ଷ୍ଟିଲ୍ ?ର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଆଜି ସନ୍ଧ୍ୟାରେ ସୁନିତା ଏବଂ ସାବିତ୍ରୀ କେନ୍ଦୁଝର ଠାରେ ପହଞ୍ଚିବା ପରେ ପଦକ ବିଜେତା ଦ୍ୱୟଙ୍କୁ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କୋଷାଧ୍ୟକ୍ଷ ସରୋଜ କୁମାର ରଣା ଓ ଜାଜସିଲ ସଦସ୍ୟ ଗିରିଶ ଚନ୍ଦ୍ର ହୋତା ସେମାନଙ୍କୁ ଫୁଲ ତୋଡ଼ା ଓ ମିଷ୍ଟାନ ଦେଇ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅକ୍ଷଭାଷୀ ମାଧ୍ୟମରେ ସେମାନଙ୍କୁ ପୁରୀରୁ ସ୍ୱାଗତ ଜଣାଇବା ସହ ସେମାନଙ୍କର ଶୁଭ କାମନା କରିଥିଲେ ।

କେନ୍ଦୁଝରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପଳାଶପଙ୍କା ଠାରେ କେନ୍ଦୁଝର ଜିଲ୍ଲା ପାଇଁ ଧାନ କିଣା ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି

ତୁଳସୀ ପୂଜନ ଉତ୍ସବ ପାଳିତ

ଭଦ୍ରକ,୨୭/୧୨(ନି/ପ୍ର): ଡିସେମ୍ବର ୨୫ ଉପଲକ୍ଷେ ସ୍ଥାନରେ ପବିତ୍ର ତୁଳସୀ ପୂଜନ ଭାବ ଭକ୍ତିର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଶ୍ରୀ ଯୋଗ ଦେବାନ୍ତ ସେବା ସମିତି ପକ୍ଷରୁ କୋଦବଗୁଆ ଆଶ୍ରମ ଠାରେ ମା ତୁଳସୀ ଦେବୀ ଙ୍କ ପୂଜା ଆୟୋଜିତ ହୋଇଥିଲା । ସମିତି ସଭାପତି ବୈଦ୍ୟରି ପଣ୍ଡା ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ ପବନ କୁମାର ନାୟକ, ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ମହାନ୍ତି,ବରିଷ୍ଠ ଶିକ୍ଷକ ଜାଳିପଦ ଦାସ, ଅଧ୍ୟାପକ ତପନ କୁମାର ଓଝା , ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ପ୍ରମୁଖ ଯୋଗ ଦେଇ ସନାତନ ହିନ୍ଦୁ ଧର୍ମରେ ବୃନ୍ଦାବତୀଙ୍କ ପୂଜା ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ଗଣପତି ଆବାହନ,ଗୁରୁବନ୍ଦନା, ଆଶା ରାମାୟଣ ପାଠ ସହିତ ପୁଷ୍ପ,ଧୂପ ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ମା ତୁଳସୀ ଙ୍କୁ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିଥିଲେ । ଏଥିରେ ସମିତି ପକ୍ଷରୁ ଅଶୋକ କୁମାର ମିଶ୍ର, ସୁଷମା ମହାନ୍ତି, ଅନିତା ରାଣୀ ମିଶ୍ର, ଜ୍ୟୋତି ରଞ୍ଜନ ମହାନ୍ତି, ଚନ୍ଦନ ଦାସ, ଅମରିଶା ମହାନ୍ତି, ଓମ ପ୍ରଜ୍ଞାନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

ଗୋରୁ ବୋଝେଇ କଟେଂନର ଜବତ : ୫୦ରୁ ଅଧିକ ଗୋରୁ ଗୋଶାଳା ଗଲେ

ବଡ଼ମ,୨୭/୧୨(ନି/ପ୍ର): ବାଲେଶ୍ୱରଜିଲ୍ଲା ବଡ଼ମ ଥାନା୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟସ୍ଥ ବଜରଙ୍ଗ ଦଳ କର୍ମୀମାନଙ୍କ ଦ୍ୱାରା ଗୋରୁ ବୋଝେଇ କଟେଂନର ଜବତ କରାଯାଇଛି । ଡ୍ରାଇଭର ଥାନାରେ ଅଟକ ରହିଛନ୍ତି । ସୂତ୍ରନା ଅନୁସାରେ ସୋମବାର ଦିନ ବାରତୀ ସମୟରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ କଟେଂନର (ଇଚ ୨୯ ଡ ୧୬୪୩)ବାଲେଶ୍ୱର ଆଡୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଖବର ପାଇ ବଜରଙ୍ଗ ଦଳର କର୍ମୀମାନେ ଗାଡ଼ିର ପିଛା କରି ଭେଲୋରା ଛକ ନିକଟରେ ଅଟକ ରଖିଥିଲେ । ଏନେଇ ବଡ଼ମ ଥାନାକୁ ଖବର ଦେଇଥିଲେ । ବଡ଼ମ ଥାନା ଅଧିକାରୀ ରଞ୍ଜିତ କୁମାର ସାହୁ, ଏସ ଆଇ ବିଜୟ ବାରିକ ଘଟଣା ସ୍ଥଳରେ ପହଂଚି ଗାଡ଼ିକୁ ଜବତ କରି ଗୋଶାଳାକୁ ପଠାଇ ଡ୍ରାଇଭରକୁ ଥାନାରେ ଅଟକ ରଖିଥିବା ଜଣାପଡିଛି । .ଗାଡିରେ ୫୦ ରୁ ଅଧିକ ଗୋରୁ ଥିବା ଜୁହାଯାଉଛି । ସୂତ୍ରନାଯୋଗ୍ୟ, ଏହା ପୂର୍ବରୁ ଡିସେମ୍ବର ୬ ତାରିଖରେ ଏକ ଗୋରୁ ବୋଝେଇ କଟେଂନର ଭଦ୍ରକରୁ ୧୦୦ରୁ ଊର୍ଦ୍ଧ୍ୱ ଗୋରୁ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା । ଶେଷଗଡ ନିକଟରେ ଥିବା ଟୋଲ ଗେଟ ଫାଙ୍କିବା ପାଇଁ ବିଜୁ ଛକରୁ ଗାଡ଼ିଟି ନୀଳଗିରି ଅଭିମୁଖେ ଆସୁଥିଲା । ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଜିଲ୍ଲା କର୍ମକର୍ତ୍ତା ପ୍ରଥମେ ଗାଡ଼ିକୁ ବାରାଭୋଇଲି ଛକରେ ଅଟାକାଇବାକୁ ଚେଷ୍ଟା କରିଥିଲେ । ହେଲେ ଏକର୍ଟ କରି ଯାଉଥିବା ଏକ ବୋଲେରୋ ଗାଡ଼ି ସେମାନଙ୍କୁ ଧକ୍କା ଦେବା ପାଇଁ ଚେଷ୍ଟା କରିଥିଲା । ପରେ ଲଣ୍ଡରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଲଙ୍କ ସହାୟତାରେ ଗାଡ଼ିଟିକୁ ଶ୍ୟାମସୁନ୍ଦରପୁର ଛକରେ ଜବତ କରାଯାଇ ନୀଳଗିରି ଥାନାର ଜିମା ଦେଇଥିଲେ । ପରେ ଗୋରୁମାନଙ୍କୁ ଚାମପଡା ଗୋଶାଳାକୁ ନିଆଯାଇଥିଲା ।

ସାଂସଦ ଖେଳ ମହୋତ୍ସବର ଉଦଯାପନୀ ସମାରୋହ

ଲୁକାୟିତ ଖେଳ ପ୍ରତିଭା ମନଙ୍କୁ ସୁଯୋଗ ସୃଷ୍ଟି କରୁଛି ସାଂସଦ ଖେଳ ମହୋତ୍ସବ : ସାଂସଦ ଅନନ୍ତ ନାୟକ

କେନ୍ଦୁଝର,୨୭/୧୨(ନି/ପ୍ର): କେନ୍ଦୁଝର ସହର ସ୍ଥିତ ଅତିଟୋରିୟମରେ ବୁଧବାର ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମ

ବିବିଧା

ଶାସ୍ତ୍ରରେ କାର୍ତ୍ତିକ ମାସକୁ ଏକ ପୁଣ୍ୟ ମାସ ଭାବେ ଚିହ୍ନେଇବା କଥାଯାଇଛି । ପୁରାଣ ଅନୁଯାୟୀ, ସାଧାରଣ ଦିନରେ ହଜାର ବାର ଗଙ୍ଗା ସ୍ନାନରୁ ଯେଉଁ ଫଳ ମିଳିଥାଏ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଯେଉଁଥିରି ନଦୀରେ ସ୍ନାନ କରିବା ଦ୍ୱାରା ସମାନ ଫଳ ମିଳିଥାଏ...

ପଦ୍ମ ପୁରାଣର ଅନୁଯାୟୀ, ଯେଉଁ ବ୍ୟକ୍ତିମାନେ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଛଡ଼ି ନଦୀ କିମ୍ବା ପୋଖରୀରେ ସ୍ନାନ କରି ଭଗବାନ ବିଷ୍ଣୁଙ୍କ ପୂଜା କରନ୍ତି ଭଗବାନ ବିଷ୍ଣୁ ସେମାନଙ୍କ ଉପରେ ଅଶେଷ କୃପା କରନ୍ତି । ପଦ୍ମପୁରାଣର କାହାଣୀ ଅନୁଯାୟୀ କାର୍ତ୍ତିକ ସ୍ନାନ ଏବଂ ପୂଜାପାଠ କରି ଦେବୀ ସତ୍ୟଭାମା ଭଗବାନ ଶ୍ରୀକୃଷ୍ଣଙ୍କ ପତ୍ନୀ ହେବାର ସୌଭାଗ୍ୟ ପାଇଥିଲେ ।

କାର୍ତ୍ତିକ ସ୍ନାନର ପୌରାଣିକ କାରଣ

କାହାଣୀ ଅନୁଯାୟୀ କାର୍ତ୍ତିକ ମାସର ମହିମା ଜାଣିବା ପାଇଁ ଜୁମାଣ କାର୍ତ୍ତିକ ଭଗବାନ ଶିବଙ୍କୁ ପଚାରିଥିଲେ କାହିଁକି କାର୍ତ୍ତିକ ମାସକୁ ସବୁଠାରୁ ପୁଣ୍ୟ ମାସ କୁହାଯାଏ ? ଭଗବାନ ଶିବ ଉତ୍ତରରେ କହିଥିଲେ ଯେପରି ନଦୀ ମଧ୍ୟରେ ଗଙ୍ଗା ସର୍ବୋତ୍ତମ, ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ ସର୍ବୋତ୍ତମ, ସେହିପରି ମାସ ମଧ୍ୟରେ କାର୍ତ୍ତିକ ସର୍ବୋତ୍ତମ । ଏହି ମାସରେ ଭଗବାନ ବିଷ୍ଣୁ ପାଣି ଭିତରେ ରୁହନ୍ତି । ତେଣୁ, ଏହି ମାସରେ ନଦୀ ଓ ପୋଖରୀରେ ସାଧୋଭାବା ଦ୍ୱାରା ଭଗବାନ ବିଷ୍ଣୁଙ୍କୁ ପୂଜା ଓ ସାକ୍ଷାତ କରିବାର ପୁଣ୍ୟ ମିଳିଥାଏ। ଯେତେବେଳେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ଅବତାରିତ ହେଲେ, ରୁକ୍ମିଣୀ ଏବଂ ସତ୍ୟଭାମା ତାଙ୍କର ପାଟରାଣୀ ହେଲେ। ସତ୍ୟଭାମା ତାଙ୍କ ପୂର୍ବ ଜୀବନରେ ଜଣେ ଭ୍ରାହ୍ମଣଙ୍କ ଝିଅ ଥିଲେ। ଯୌବନ କାଳରେ ଦିନେ ତାଙ୍କ ସ୍ୱାମୀ ଏବଂ ପିତାଙ୍କୁ ଏକ ରାକ୍ଷସ ହତ୍ୟା କରିଥିଲା। ବ୍ରାହ୍ମଣଙ୍କ ଝିଅ କିଛି ଦିନ ଧରି କାନ୍ଦିବାକୁ ଲାଗିଲେ। ଏହା ପରେ ସେ ଭଗବାନ ବିଷ୍ଣୁଙ୍କ ଭକ୍ତିରେ ନିଜକୁ ସମର୍ପିତ କରିଦେଲେ।

ସେ ସବୁ ଏକାଦଶୀରେ ଉପବାସ ରଖୁଲେ ଏବଂ କାର୍ତ୍ତିକ ମାସରେ ସେ ସୂର୍ଯ୍ୟୋଦୟ ପୂର୍ବରୁ ନିୟମିତ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ତୁଳସୀଙ୍କୁ ପୂଜା କଲେ। ଦିନେ ଯେତେବେଳେ ବ୍ରାହ୍ମଣଙ୍କ ଝିଅ କାର୍ତ୍ତିକ ସ୍ନାନ ପାଇଁ ଗଙ୍ଗାରେ କୁଡ଼ି ପଳାଇଲେ, ସେ କୁମ୍ଭରେ ଥରି ଥରି ଗଙ୍ଗା କୂଳରେ ମୃତ୍ୟୁବରଣ କଲେ। ଏହି ସମୟରେ ବିଷ୍ଣୁଲୋକରୁ ଏକ ବିମାନ ଆସିଲା ଏବଂ ବ୍ରାହ୍ମଣଙ୍କ ଝିଅର ଦିବ୍ୟ ଶରୀରକୁ ବିମାନରେ ବସେଇ ବିଷ୍ଣୁ ଲୋକ ଚାଲିଗଲା।

ଯେତେବେଳେ ଭଗବାନ ବିଷ୍ଣୁ କୃଷ୍ଣ ଭାବରେ ଅବତାରିତ ହୋଇଥିଲେ, ସେତେବେଳେ ବ୍ରାହ୍ମଣଙ୍କ ଝିଅ ସତ୍ୟଭାମା ଭାବରେ ଜନ୍ମ ହେଲେ। କାର୍ତ୍ତିକ ମାସରେ ପ୍ରାପ୍ତ ସ୍ନାନ କରିଥିବାରୁ ସେ ଭଦବାନଙ୍କୁ ପତ୍ନୀ ଭାବେ ପାଇଲେ, ମୋକ୍ଷ ଦାନ କରିଥିବାରୁ ସତ୍ୟଭାମା ସୁଖ ଏବଂ ଧନ ପ୍ରାପ୍ତ କଲେ। ପୁରସ୍କାରୁ ନିୟମିତ ଭାବେ ନଦ ଅର୍ପଣ କରି ଜଣେ ସୁଖର ଉତ୍ଥାନର ଆନନ୍ଦ ପାଇଲେ।

କାର୍ତ୍ତିକ ସ୍ନାନର ବୈଜ୍ଞାନିକ କାରଣ

ଶରତ ପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ମାସର ପ୍ରଥମ ସ୍ନାନ ଆରମ୍ଭ ହେବା ଦିଧି ରହିଛି। ପୃଥିବୀର ପରିକ୍ରମଣ ଏବଂ ପରିକ୍ରମଣ ଗତି କାରଣରୁ ବର୍ଷକୁ ଦୁଇଥର ଏହା ସୂର୍ଯ୍ୟଙ୍କ ନିକଟତର ହୋଇଥାଏ। ଶୀତଋତୁ ଋତୁରେ ଏହାର ନିକଟତରତା ରସର ଶୋଷକ ହୋଇଥାଏ ଏବଂ ଶରତରେ ଏହାର ନିକଟତରତା ରସର ପୋଷକ ହୋଇଥାଏ।

ଆୟୁର୍ବେଦରେ ଏହି ଅବଧିକୁ ଲିସର୍ଗ ଅବଧି କୁହାଯାଏ - ଅର୍ଥାତ୍ ଏଥିରେ ବାୟୁର ଶୁଷ୍କତା କମିଯାଏ ଏବଂ ହଦର ଶକ୍ତି ବଢିଯାଏ। ସୂର୍ଯ୍ୟ ଦକ୍ଷିଣାୟନରେ ଥିବା କାରଣରୁ ଏହାର କିରଣ ଉତ୍ତର ଗୋଲାର୍ଦ୍ଧରେ ପଡେ, ଫଳରେ ଭାରତବର୍ଷ ସୂର୍ଯ୍ୟଙ୍କ ଠାରୁ ଦୂରେଇ ଯାଏ। ଫଳରେ ଏଠାରେ ଶୀତ ଅନୁଭୂତ ହୁଏ।

ବର୍ଷା ଋତୁରେ ଶରୀର ବର୍ଷାକାଳୀନ ଶୀତରେ ଅଭ୍ୟସ୍ତ ହୋଇଥାଏ ଏବଂ ଯେତେବେଳେ ଶରତ ସୂର୍ଯ୍ୟଙ୍କ କିରଣ ହଠାତ୍ ଶରୀର ଉପରେ ପଡ଼େ, ଶରୀରର ଅଙ୍ଗଗୁଡ଼ିକ ଲଚେଳିକ ହୁଏ ଏବଂ ବର୍ଷା ସମୟରେ ଶରୀରରେ ଜମା ହୋଇଥିବା ପିତ୍ତ ଶରତରେ ବିକ୍ଷିପ୍ତ ହେବା ଆରମ୍ଭ ହୁଏ। ତେଣୁ ପ୍ରକୃତିର ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମଣିଷ ନିଜର ଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ଅଭ୍ୟାସ ପ୍ରତି ଯତ୍ନବାନ ହେବା ଉଚିତ।

ଭାରତୀୟ ସମାଜରେ କାର୍ତ୍ତିକ ମାସରେ ବ୍ରାହ୍ମ ମୁହୂର୍ତ୍ତରେ ଅଣ୍ଟା ପାଣିରେ ଗାଧୋଇବାର ପରମ୍ପରା ରହିଛି, ଯାହା ଶରତ ମୂଣ୍ଡିମା ସମୟରେ ଆରମ୍ଭ ହୁଏ। ଆୟୁର୍ବେଦର ପ୍ରସିଦ୍ଧ ଗ୍ରନ୍ଥ 'ଚରକ ସଂହିତା'ରେ ଏହି ଜଳରେ ଔଷଧୀୟ ଗୁଣ ବଢିଯାଏ। କାରଣ ଦିନରେ ସୂର୍ଯ୍ୟ କିରଣ ଦ୍ୱାରା ଜଳ ଗରମ ହୁଏ ଏବଂ ରାତିରେ ଚନ୍ଦ୍ର କିରଣ ସ୍ପର୍ଶରେ ଜଳ ଅଣ୍ଟା ହୁଏ। ଫଳରେ ଏହି ପାଣିରେ ସ୍ନାନ କରିବା ଛେଡ଼ୁ ଶରୀରରେ ଥିବା ଅନବଶ୍ୟକ ପିତ୍ତ ବା ଅମ୍ଳୀୟ ଆବର୍ଜନା ବାହାରି ଆସେ ଆର ଶରୀର ଡିଟକ୍ସାଇଡ୍ ହୋଇଯାଏ।



ଜଳା ତରାରେ ପ୍ୟାକେଟି ଖୋଇଆସୁଥିବା ଖାଦ୍ୟ ଖାଉଛନ୍ତି କି ?

ଜଳାତରାରେ ପ୍ୟାକେଟିଂ ଖୋଇ ଆସୁଥିବା ଖାଦ୍ୟ ଖାଇଥିଲେ ସାବଧାନ ! ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଜାଣିବାଜରୁରୀ ! କାରଣ ଏହି ଦୀର୍ଘସ୍ଥାୟୀ ପ୍ଲାଷ୍ଟିକ୍ ଚେକିନ୍‌ରେ କାର୍କିନ ଜଳା ରାଙ୍ଗ ମିଶ୍ରଣ କରି ତିଆରି କରାଯାଇଥାଏ...

ପ୍ରାୟ ଲୋକ ମୋବାଇଲରୁ ଫୁଡ୍ ଅର୍ଡର କରି ଖାଦ୍ୟ ଖାଉଛନ୍ତି। କିନ୍ତୁ ପ୍ୟାକେଟ ହୋଇ ତରାରେ ଆସୁଥିବା ଖାଦ୍ୟ ଯେ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ତାହା ଆପଣ ଜାଣିଥିବେ। ଆଜ୍ଞା ହଁ , ଆଜକାଲି ଲାଗୁଥିବା ମଧ୍ୟ କଥାଟି ସମ୍ପୂର୍ଣ୍ଣ ରୂପେ ସତ ।

■ ସାଧାରଣତଃ ଖାଦ୍ୟ ପ୍ୟାକେଜିଂ ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ବାକ୍ସଗୁଡ଼ିକ ପ୍ଲାଷ୍ଟିକ୍ ଚେକିନ୍‌ରେ କାର୍କିନ ଜଳା ରାଙ୍ଗ ମିଶ୍ରଣ କରି ତିଆରି କରାଯାଏ। ଏହି ରାଙ୍ଗ ପ୍ଲାଷ୍ଟିକକୁ ଜଳା ରାଙ୍ଗ ଦେଇଥାଏ । ତେଣୁ ଯେତେବେଳେ ଆମେ ଏହି ପାତ୍ରରେ ଖାଦ୍ୟ ଖାଉ, ସେତେବେଳେ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଖାଦ୍ୟ ସହିତ ମିଶିଯାଏ ଏବଂ ଶରୀରରେ ପ୍ରବେଶ କରେ , ଯାହା ଫଳେ କ୍ଷତିକାରକ ହୋଇଥାଏ । ଏହି ପ୍ଲାଷ୍ଟିକ୍ ତଥା ରେ ଅତ୍ୟଧିକ ଗରମ ଖାଦ୍ୟ ସଂରକ୍ଷଣ କରିବା କିମ୍ବା ମାଇକ୍ରୋୱେଭରେ ଗରମ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ବଢ଼ିଯାଏ ।

■ ଏକ ସମ୍ବେଦନରୁ ଜଣାଗଡ଼ିଛି ଯେ ଜଳା ପ୍ଲାଷ୍ଟିକରେ ଥିବା କାର୍କିନର ଜଳାଇଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । କାର୍କିନ ଜଳା ପ୍ଲାଷ୍ଟିକରେ ଥିବା ରାସିଆଲରୁ ଅଲୋମାଟିକ୍ ହାଇଡ୍ରୋକାର୍ବନ୍‌ରୁ ଲାଣ୍ଟେନ୍‌ଥାନାଲ୍ ଏବଂ ଟ୍ରି ଟ୍ରିସର୍ଜ ଅଫ୍ ଏଥାନେଲ ଦ୍ୱାରା କର୍କଟ ରୋଗ ସୃଷ୍ଟିକାରୀ ବୋଲି କୁହାଯାଇଛି, ଯାହା କର୍କଟ ରୋଗର ବିପଦ ସୃଷ୍ଟି କରେ । କେବଳ ଏତିକି ନୁହେଁ ଏହା ଶ୍ୱାସନ୍ଧିରା ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ପ୍ରାୟତଃ ଏହି କଳାତ୍ତାରେ ଖାଦ୍ୟ ଖାଆନ୍ତି, ତେବେ ଆଜି ହିଁ ଏହି ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ ।

■ ଜଳା ପ୍ଲାଷ୍ଟିକରେ ଅନେକ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଏହି ବିଷପୂର୍ଣ୍ଣ ରାସାୟନିକ ପଦାର୍ଥ ମଧ୍ୟରୁ ଫୋଟିଏ ହେଉଛି 'ଏଣ୍ଡୋକ୍ରାଇନ୍ ଡିସରପ୍ଟିଂ' ଯାହା ମଣିଷ ଶରୀର ପାଇଁ ବିଷ ସଦୃଶ । କାରଣ ଏହା ଆମ ଶରୀରରେ ପ୍ରବେଶ କରି ହରମୋନ୍ ସନ୍ତୁଳନକୁ ବ୍ୟାଘାତ କରେ , ହରମୋନକୁ ଶରାପ କରିଥାଏ । ତେଣୁ ବାର୍ଘ ସମୟ ଧରି ଏହାକୁ ବ୍ୟବହାର କଲେ ଏଥିରେ ଥିବା ରାସାୟନିକ ପଦାର୍ଥ କର୍କଟ ରୋଗ ସୃଷ୍ଟି କରିପାରେ

ରିଲିଜ୍ ପୂର୍ବରୁ ଆଖି ବୁଜିଥିଲେ 'କାନ୍ତରା'ର ଅଭିନେତା

ରିଷ୍ଟ ସେଟାଙ୍କ 'କାନ୍ତାରା : ଚାପ୍ଟର ୧' ବକ୍ସ ଅଫିସରେ ଧମାଲ ମଚାଉଛି ଏବଂ କୋଟି କୋଟି ଟଙ୍କା ରୋଜଗାର କରୁଛି । ପୂର୍ବ ସିନେମା ଜାରାରା ପରି ବଚିତରେ ମଧ୍ୟ ସିନେମାର ମୁଖ୍ୟ ଅଭିନେତା ରିଷ୍ଟ ସେଟା ଦର୍ଶକଙ୍କୁ ନିଜ ଜୀବନ୍ତ ଅଭିନୟ ଦ୍ୱାରା ପ୍ରଭାବିତ କରିଛନ୍ତି । ଲୋକମାନେ ତାଙ୍କ ଅଭିନୟକୁ ପସନ୍ଦ କରିବା ସହ ଭୂରି ଭୂରି ପ୍ରଶଂସା ମଧ୍ୟ କରୁଛନ୍ତି । ଚିତ୍ରକର ସହ ଅନ୍ୟ କଳାକାରଙ୍କୁ ମଧ୍ୟ ପ୍ରଶଂସା କରାଯାଉଛି । ଖାଲି କରି ସିନେମାରେ ଛୋଟ ଛୋଟ ଜମେଡି ସିନକୁ ଦେଖି ମଧ୍ୟ ଦର୍ଶକ ଚମତ୍କୃତ ହେଉଛନ୍ତି । ଗୁଣିରେ କମେଡିର ଡକ୍ତରା ଜଗରୁଥିବା ଅଭିନେତା ରାକେଶ ପୂଜାରୀଙ୍କ ଅଭିନୟକୁ ଦେଖି ପ୍ରେକ୍ଷାଳୟରେ ସିନେପ୍ରେମୀ ଖୁବ୍ ହସିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ବିଷୟ ସମ୍ପର୍କରୁ ଦୟାଯୁକ୍ତ ଏହି କଳାକାର ନିଜେ ଏହି ସିନେମାକୁ ଦେଖିପାରିଲେ ନାହିଁ ବି ପ୍ରଶଂସାର ଫୁଲ ପିଞ୍ଚିପାରିଲେ ନାହିଁ । କାରଣ ସିନେମା ରିଲିଜ୍ ହେବା ପୂର୍ବରୁ ହିଁ ରାକେଶ ଏ ଦୁନିଆକୁ ଅଲବିଦା କହିଥିଲେ । ଆଜ୍ଞା ହଁ ,କାନ୍ତାରା ସିନେମାରେ ଏକ କେଜ୍ ସିନ୍ ରହିଛି ଯେଉଁଠି ଅଭିନେତା ରାକେଶଙ୍କ କମେଡି ଦର୍ଶକଙ୍କୁ ହସାଇ ହସାଇ ଦେବମ୍ ହଉଥିଲା । କାନ୍ତାରାରେ 'ପେଦେ'

ଭୂମିକାରେ ନଜର ଆସିଥିବା ଅଭିନେତା ସିନେପ୍ରେମୀଙ୍କୁ ବିନା ହସାଇଦେଲେ କିନ୍ତୁ ନିଜ ଅଭିନୟ ଦେଖିବାକୁ ଏ ଦୁନିଆରେ ଆଉ ନାହାନ୍ତି । ୨୦୨୫ ମେ ମାସରେ ତାଙ୍କର ପରଲୋକ ହୋଇଯାଇଛି । ସୁନ୍ଦର ଅନୁପାଳରେ କାନ୍ତାରା ମାସ୍ତର ୧ ର ସୁଟିଂ ସମୟରେ ଅନେକ ଅଭିନେତା ଏବଂ ଜୁ ସବସଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଥିଲା । ସୋମାନଙ୍କ ମଧ୍ୟରୁ ଜଣେ ଥିଲେ ଅଭିନେତା ରାକେଶ ପୂଜାରୀ । କିନ୍ତୁ ରାକେଶ ପିଲ୍ଲ ସେଟରେ ମୃତ୍ୟୁବରଣ କରିନଥିଲେ । ସେ ୧୧ ମେ ୨୦୨୫ ରେ ଜଣେ ନିକଟତମ ବନ୍ଧୁଙ୍କ ବିବାହ ମେଘରେ ଉପସ୍ଥିତ ହୋଇଥିଲା ଏବଂ ତାଙ୍କୁ ହଠାତ୍ ହୃଦଘାତ ହୋଇଥିଲା । ମାତ୍ର ୩୪ ବର୍ଷ ବୟସରେ ସେ ଆମଠାରିକୁ ଚାଲି ଯାଇଥିଲେ । ରାକେଶ ତାଙ୍କର ପ୍ରଥମ ଏବଂ ସବୁଠାରୁ ଲୋକପ୍ରିୟ ଜନ୍ମିତ ଶୋ 'ଫମେଟି ଖାଲାଡିଗାଲୁ'ର ଦ୍ୱିତୀୟ ସିଜିନ୍ ସହିତ ପରିଚିତି ହାସଲ କରିଥିଲେ । ରାକେଶ ସିନା ଆଜ ଏ ଦୁନିଆରେ ନାହାନ୍ତି କିନ୍ତୁ ତାଙ୍କର ଅଭିନୟ ସବୁବେଳେ ଦର୍ଶକଙ୍କ ମନରେ ତାଙ୍କୁ ଜୀବନ୍ତ କରି ରଖିଥିବ ।

ଡାଇମଣ୍ଡ ଡ୍ରେସ୍ ପିନ୍ଧି ଚମକିଲେ ଐଶ୍ୱର୍ଯ୍ୟା

ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବଲିଉଡ଼ର ସବୁଠାରୁ ସୁନ୍ଦରୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ଦେଶ ଏବଂ ବିଶ୍ୱରେ ତାଙ୍କର ଲକ୍ଷଲକ୍ଷ ପ୍ରଶଂସକ ଅଛନ୍ତି। ଐଶ୍ୱର୍ଯ୍ୟା ରାୟ ସମ୍ପ୍ରତି ଫାଶିନ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ରେ ଯୋଗ ଦେଇଥିଲେ। ଅଭିନେତ୍ରୀ କିଛିଦିନ ହେବ ପୋଷିଆର ମିଜିଆରେ ତାଙ୍କର ଅନେକ ଫଟୋ ସେୟାର କରିଛନ୍ତି। ଫାଶିନ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ ରେ ଐଶ୍ୱର୍ଯ୍ୟା ରାୟ ଓ୍ୱାକ୍ ସମୟରେ ଏକ କଳାରଙ୍ଗର ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଏହି ପୋଷାକଟି ବେଶ ବର୍ଚ୍ଚାର ପରିସରରେ ରହିଛି। ଏହାର ସ୍ୱତନ୍ତ୍ରତା ହେଉଛି ଏଥିରେ ମୂଲ୍ୟବାନ ହୀରାଖଞ୍ଚା ପାଇଛି। ଐଶ୍ୱର୍ଯ୍ୟାଙ୍କ ଏହି ପୋଷାକ ଲୋକପ୍ରିୟ ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା । କଳାରଙ୍ଗର ପୋଷାକ ସହିତ ହୀରାଖଞ୍ଚିତ ପୋଷାକ ପିନ୍ଧା ଫଟୋକୁ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସକମାନେ ବେଶ ଉତ୍ସାହରେ ଦେଖା ଆ । ଇ ଷ୍ଟ ରେ ବି କରୁଛନ୍ତି।



ଚୁମ୍ବନ ଦୃଶ୍ୟ ପାଇଁ ଅନେକ ଫିଲ୍ମ ଅଫର ଛାଡ଼ିଛନ୍ତି ସୋନମ

ବଲିଉଡ୍ ଫିଲ୍ମ ଅଫର ଛାଡ଼ିଛନ୍ତି ପଞ୍ଜାବୀ ଝିଅ ସୋନମ କାଜ୍ଞ । ତେବେ ଆମ୍ଭ ବିଶ୍ୱାସ ନୁହେଁ, ଗୟ ଓ ନିଜ ଉପରେ ସନ୍ଦେହ ଯୋଗୁ ଏହି ନିଷ୍ପତ୍ତି ନେଇଥିଲେ ବୋଲି ସୋନମ କହିଛନ୍ତି । ପଞ୍ଜାବ ଦର୍ଶକ ପରବାରେ ତାଙ୍କ ଅନ୍ତରଙ୍ଗ ଦୃଶ୍ୟକୁ କେମିତି ଗ୍ରହଣ କରିବେ, ସେହି ଚିନ୍ତାରେ ସୋନମ ଏ ନିଷ୍ପତ୍ତି ନେଇଥିଲେ । ପଞ୍ଜାବରେ ସୋନମ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଖୁବ୍ ପରିଚିତ । ଏକ ଗଣମାଧ୍ୟମକୁ ସୋନମ କହିଛନ୍ତି, କ୍ୟାରିଅର ଆରମ୍ଭରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା । ଏକାଧିକ ଫିଲ୍ମରେ ଚୁମ୍ବନ ଦୃଶ୍ୟ ଥିଲା ।

ପଞ୍ଜାବ ଏହାକୁ ଗ୍ରହଣ କରିବ ତ ?

ପରିବାର ସହିତ ଫିଲ୍ମ ଦେଖିବା ମାନସିକତା ପଞ୍ଜାବୀଙ୍କର ଥିବାରୁ ସୋନମ ଫିଲ୍ମ ସାଇନ୍ କରିବାକୁ ଖୁବ୍ ଡରିଯାଇଥିଲେ । ନିଜ ପରିବାର କଥା ମଧ୍ୟ ସେ ଚିନ୍ତା କରିଥିଲେ । ଏଭଳି ଅନେକ ଦ୍ୱନ୍ଦ୍ୱମୂହ ପ୍ରଶ୍ନ ତାଙ୍କ ମୁଣ୍ଡରେ ଥିଲା । କିନ୍ତୁ ମାତାପିତାଙ୍କ ସହ ଖୋଲା କଥା ହେବା ପରେ ସେମାନେ ରାଜି ହେଲେ । ଯଦି ଏହା ଫିଲ୍ମ ପାଇଁ ଜରିବାକୁ ପଡ଼ିବ, ତେବେ କିଛି ସମସ୍ୟା ନାହିଁ ବୋଲି ସେମାନେ ସୋନମଙ୍କୁ ଆଶ୍ୱସ୍ତ କଲେ । ଶେଷ ଅର ଅକ୍ଷୟ କୁମାରଙ୍କ 'ହାଉସ୍‌ଫୁଲ-୫'ରେ ପରବାକୁ ଆସିଥିଲେ ସୋନମ । ଆସନ୍ତା ୨୧ ତାରିଖରେ ତାଙ୍କ ଫିଲ୍ମ 'ଏକ୍ ଦିନ୍ୱାନେ କା ଦିନ୍ୱାନ୍ଯାରେ,' ମୁକ୍ତିଲାଭ କରିବ, ଯାହାକୁ ସେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୮ ଡିସେମ୍ବର ୨୦୨୫

ଅନ୍ନଦାତା, ଜୟ ହୋ !

ଆମ ଦେଶର ଚାଷୀମାନେ ଧାନ ବ୍ୟତୀତ ଡାଲି, ତେଲବୀଜ ଓ ପନପରିବା ଆଦି ମଧ୍ୟ ଚାଷ କରନ୍ତି, କିନ୍ତୁ ନିଜ ଉତ୍ପାଦର ଯଥୋଚିତ ମୂଲ୍ୟ ପ୍ରଦାନ କରୁଥିବା ବଜାରର ସନ୍ଧାନ ସେମାନେ ଏ ଯାବତ୍ ପାଇନାହାନ୍ତି । ଏଣେ, ସ୍ୱାଭିମାନୀ ଚାଷୀ ବଜାର ମୂଲଚାଲର ନୀତିହୀନ ପ୍ରକଣରେ ପଶୁ ନ ଥିବାରୁ ଅଧାବୀ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି; ଯାହାର ସୁଯୋଗ ନେଇ ଲାଭାନ୍ୱେଷୀ ମଧ୍ୟସ୍ଥି ବର୍ଗର ଆବିର୍ଭାବ ଘଟିଛି । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଚାଷୀମାନଙ୍କୁ ଏକ ମଧ୍ୟସ୍ଥି ମୁକ୍ତ ତଥା ନ୍ୟାୟ ମୂଲ୍ୟ ପ୍ରଦାନକାରୀ ବଜାର ଉପଲବ୍ଧ କରାଇବା ହେବ ସେମାନଙ୍କ ପ୍ରତି ଏ ଦେଶର କୃତଜ୍ଞତା । ଅନ୍ୟଥା 'ଅନ୍ନଦାତା, ଜୟ ହୋ' ଭଳି ସ୍ଲୋଗାନ ଅନ୍ତଃସାରଶୂନ୍ୟ ଭଳି ବୋଧ ହେବ । ସତ୍ୟ ପ୍ରାପ୍ତ ତଥ୍ୟାନୁଯାୟୀ ଚୀନକୁ ଅତିକ୍ରମ କରି ଭାରତ ପୃଥିବୀର ବୃହତମ ଧାନ (ଚାଉଳ) ଉତ୍ପାଦନ ଓ ରପ୍ତାନି କରୁଥିବା ରାଷ୍ଟ୍ରରେ ପରିଣତ ହୋଇଛି । ସ୍ୱାଧୀନତା ଲାଭ କରିବାର ମାତ୍ର ୪ ବର୍ଷ ପୂର୍ବେଅର୍ଥାତ୍ ୧୯୫୩ ମସିହାରେ ଅତ୍ୟନ୍ତ ହୃଦୟ ବିଦାରକ ବଙ୍ଗଳା ଦୁର୍ଭିକ୍ଷରେ ପ୍ରାୟ ୩ ନିୟୁତ ପ୍ରାଣହାନି ଦେଖିଥିବା ଏକ ରାଷ୍ଟ୍ର ସକାଶେ ଏହି ଉପଲବ୍ଧିଟି ଯେ ଦୃଷ୍ଟାନ୍ତ ସ୍ଥାପନକାରୀ, ତହିଁରେ କ ?ଣସି ସନ୍ଦେହ ନାହିଁ ଏବଂ ଏ ପରିପ୍ରେକ୍ଷୀରେ ଯାହା ପରମ ସନ୍ତୋଷ ପ୍ରଦାନ କରିଥାଏ ତାହା ହେଲା ସମ୍ପ୍ରତି ବଙ୍ଗଳରେ ବିଦେଶରୁ ଅନ୍ନ ଭିକ୍ଷା କରିବାର ଦୁର୍ଗତିରେ ପହଞ୍ଚି ଯାଇଥିବା ଏହି ଦେଶ ବର୍ତ୍ତମାନ ପୃଥିବୀର ସମୁଦାୟ ଧାନ ଉତ୍ପାଦନର ୨୮% ଅକ୍ଷିଆର କରିଛି । ତେବେ, ଏହି ସୁସମ୍ବାଦଟି ତା' ସହିତ କେତେକ ଚିନ୍ତା ଓ ଚିନ୍ତନକୁ ମଧ୍ୟ ଜନ୍ମ ଦେଇଛି, ଯେଉଁ ସଂପର୍କରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି ଚଳିତ ବର୍ଷ ଧାନ ଉତ୍ପାଦନ ଏକ ସର୍ବକାଳୀନ ରେକର୍ଡ ୧୫ କୋଟି ମେଟ୍ରିକ ଟନରେ ପହଞ୍ଚିଛି । କେବଳ ସେତିକି ନୁହେଁ, ଚଳିତ ବର୍ଷ ଦେଶର ଧାନ ରପ୍ତାନିର ପରିମାଣ ମଧ୍ୟ ରେକର୍ଡ ସୃଷ୍ଟି କରିଛି, ଯାହା ହେଉଛି ୨ କୋଟି ୩୫ ଲକ୍ଷ ଟନ । ଏହା ମଧ୍ୟ ପ୍ରଣିଧାନଯୋଗ୍ୟ ଯେ କେବଳ ଅମଳରେ ନୁହେଁ, ଧାନ ଚାଷ ହେଉଥିବା ଜମିର ପରିମାଣରେ ମଧ୍ୟ ବୃଦ୍ଧି ଘଟିବାରେ ଲାଗିଛି । ପ୍ରକାଶ ଥାଉ ଯେ ଭାରତୀୟମାନେ ହାରାହାରି ବାର୍ଷିକ ୧୦ କୋଟି ଟନ ଚାଉଳ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ସେହି ହିସାବରେ ଗଲା ଜିଛି ବର୍ଷ ଧରି ହୋଇ ଆସୁଥିବା ବଂପର ଧାନ ଅମଳର ଆକାରକୁ ହୃଦବୋଧ କରିବାକୁ ହେଲେ କେବଳ ଏତିକି ଜାଣିବା ଆବଶ୍ୟକ ଯେ ରପ୍ତାନି ସହିତ ଭାରତୀୟଙ୍କ ଖାଦ୍ୟ ଚାହିବା ମେଟାଇବା ପରେ ଏଫ.ସି.ଆଇ.(ଫୁଡ୍ ? କର୍ପୋରେସନ ଅଫ ଇଣ୍ଡିଆ)ର ଗୋଦାମରେ ମହଜୁଦ ଅଛି ୩ କୋଟି ୩୦ ଲକ୍ଷ ଟନ ଚାଉଳ, ଯାହା ଦୁର୍ବିପାକ ଓ ଦୁର୍ଭେକ୍ଷସମୟର ମୁକାବିଲାକୁ ବୃଦ୍ଧିରେ ଦେଖି 'ବଫର ଷ୍ଟକ ନିୟମ' ଅନୁସାରେ ନିର୍ଦ୍ଧାରିତ ୧ କୋଟି ୩୫ ଲକ୍ଷ ଟନର ପ୍ରାୟ ତିନି ଗୁଣା । ସଂପ୍ରତି ଭାରତରୁ ୧୭୨ଟି ଦେଶକୁ ଚାଉଳ ରପ୍ତାନି ହେଉଛି ଏବଂ ପୃଥିବୀର ସମୁଦାୟ ଚାଉଳ ରପ୍ତାନିରେ ଭାରତର ଅଂଶ ହେଉଛି ୨୮ ପ୍ରତିଶତ । ଏହାର ଅର୍ଥ ଭାରତ ଏକ ଚାଉଳ ମହାଶକ୍ତିରେ ପରିଣତ ହେଲାଣି ଏବଂ ସ୍ମରଣଯୋଗ୍ୟ ଯେ ୨୦୨୩ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଚାଉଳ ରପ୍ତାନିରେ ଜଟଳତା କିଭଳି ଅର୍ଜ୍ଜାତୀୟ ବଜାରରେ ଚାଉଳ ଦରରେ ତୀବ୍ର ବୃଦ୍ଧି ଘଟାଇଥିଲା । ଭାରତରେ ଉତ୍ପାଦିତ ବାସମତୀ ଚାଉଳର ବୃହତ୍ତମ କ୍ରେତା ହେଉଛନ୍ତି ଆରବୀୟ ରାଷ୍ଟ୍ରଗଣ(ସାଉଦୀ ଆରବ, ଇରାନ, ଇରାକରୁ ନେଇ ଯେମେନ ପର୍ଯ୍ୟନ୍ତ), ଯେଉଁଠି ଜିଦବନ୍ତୀୟ 'ବିରିଆନୀ' ଓ 'ପଲାଉ' ସକାଶେ 'ଭାରତୀୟ ବାସମତୀ' ଅପରିହାର୍ଯ୍ୟ ହୋଇଥାଏ । ଅଣବାସମତୀ ଚାଉଳ, ଯାହା ଭାରତୀୟ ଚାଉଳ ରପ୍ତାନିର ୭୦%, ଯଦିଓ ପୃଥିବୀର ଅଧିକାଂଶ ରାଷ୍ଟ୍ରକୁ ଯାଇଥାଏ, ଏହାର ମୁଖ୍ୟ ଗ୍ରାହକ ହେଉଛନ୍ତି ଆଫ୍ରିକୀୟ ରାଷ୍ଟ୍ରମାନ । ତେବେ, କ୍ରମ ବର୍ଦ୍ଧିଷ୍ଣୁ ଚାଉଳ ଉତ୍ପାଦନ ପରିପ୍ରେକ୍ଷୀରେ ରପ୍ତାନି ବୃଦ୍ଧି ଯେ ନିତାନ୍ତ ଆବଶ୍ୟକ, ସେଥିରେ ଦ୍ୱିମତି ନାହିଁ । ଏଥି ସକାଶେ ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ମେକସିକୋ ଭଳି ୨୬ଟି ଦେଶକୁ ରପ୍ତାନି ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି, ଯେଉଁ ରାଷ୍ଟ୍ରଗୁଡ଼ିକ ମୁଖ୍ୟତଃ ଅନ୍ୟାନ୍ୟ ଚାଉଳ ଉତ୍ପାଦନକାରୀ ଦେଶରୁ ଆମଦାନି କରିଥାଆନ୍ତି । ଏହି କ୍ରମରେ ସେ ସବୁ ଦେଶର ବଂଶଜନକୁ ଅନୁଧ୍ୟାନ କରି ସେଠାରେ ବ୍ୟବହୃତ ହେଉଥିବା ଭଳି ଚାଉଳର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବ । ଏକ ଆକଳନ ଅନୁସାରେ ଆସନ୍ତା ବର୍ଷ ଦେଇକୁ ଭାରତର ଚାଉଳ ରପ୍ତାନିକୁ ୩ କୋଟି ଟନରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି । ଏହା ସୁବିଦିତ ଯେ ଦେଶ କିଛି ବର୍ଷ ହେଲାଣି ଧାନ ଚାଷ ତା'ର ପାରଂପରିକ ମେ ?ସୁମୀ ବୃଷ୍ଟିପାତ ଅଧୀନସ୍ଥ କ୍ଷେତ୍ରରୁ ଅତିକ୍ରମ କରି ଉତ୍ତରପ୍ରଦେଶ, ପଞ୍ଜାବ ଓ ହରିଆଣା ଭଳି ରାଜ୍ୟରେ ପ୍ରାଧାନ୍ୟ ବିସ୍ତାର କଲାଣି, ଯାହାର ଜଳବାୟୁ ପ୍ରାକୃତିକ ରୂପେ ଗହମ ଅନୁକୂଳ ହୋଇଥାଏ । କିନ୍ତୁ, ସେ ସବୁ ଅଞ୍ଚଳରେ ଗହମରୁ ଧାନ ଆଡ଼କୁ ଆଗ୍ରହର ଗତି ପଛରେ ଥିବା ପ୍ରମୁଖ କାରଣଟି ହେଉଛି ସର୍ବନିମ୍ନ ସହାୟକ ମୂଲ୍ୟ ବା 'ଏମ.ଏସ.ପି.' ଦେଇ ସରକାର ଧାନର ବୃହତ୍ତମ କ୍ରେତା ରୂପେ ଅବତୀର୍ଣ୍ଣ ହେବା; ଯଦ୍ୱାରା ଚାଷୀ ସକାଶେ ଉତ୍ପାଦିତ ଶସ୍ୟର ବିକ୍ରି ଏବଂ ଜୀବନଚର୍ଯ୍ୟା ହେଉ ପଛକେ କିଛି ଆୟ ସୁନିଶ୍ଚିତ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ଧାନ ଉତ୍ପାଦନରେ ପଞ୍ଜାବ ଓ ହରିଆଣାର ସ୍ଥାନ ହେଉଛି ଯଥାକ୍ରମେ ଚତୁର୍ଥ ଓ ଏକାଦଶ । ଏଠାରେ ଏ ସବୁ କହିବାର ତାତ୍ପର୍ଯ୍ୟ ହେଲା, ଧାନ ଚାଷର ପ୍ରାଚଲ୍ୟକୁ ସ୍ପଷ୍ଟ କରିବା । କିନ୍ତୁ, ଅନ୍ୟ ପକ୍ଷରେ ଏହା କୃଷି ବିଶେଷଜ୍ଞମାନଙ୍କୁ ଦୁଇ ଭାଗରେ ବିଭକ୍ତ କଲାଣି, ଯହିଁରେ ଗୋଟିଏ ପକ୍ଷ ଧାନ ଚାଷର ଏଭଳି ସଂପ୍ରକାରର ସବର୍ଜନ୍ତାର ସହିତ ସନ୍ତୋଷ ବ୍ୟକ୍ତ କରନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରସିଦ୍ଧ କୃଷି ବିଜ୍ଞାନୀ ଅଶୋକ ଗୁଲାଟି, ଯିଏ ଏହି ପରିପ୍ରେକ୍ଷୀରେ, ଭାରତ ସମ୍ମୁଖରେ ଉପସ୍ଥିତ ହେବାକୁ ଯାଉଥିବା ପାରିବେଶିକ ବିପଦ ଆଡ଼କୁ ଧ୍ୟାନ ଆକର୍ଷଣ କରନ୍ତି । ଧାନ ଚାଷ ଲାଗି ପ୍ରଚୁର ଜଳ ଆବଶ୍ୟକ ହେଉଥିବାରୁ ପଞ୍ଜାବ ଓ ହରିଆଣାରେ ଭୂଗର୍ଭସ୍ଥ ଜଳର ଅବିଚାରିତ ଉତ୍ତୋଳନ କିଭଳି ସେଠାରେ ଭୂଗର୍ଭ ଜଳ ପଜନରେ ଉତ୍ତେଜନାକର ସଂକୋଚନ ଘଟାଇଲାଣି, ତାହା ସମସ୍ତଙ୍କୁ ଅବଗତ । ଗୁଲାଟିଙ୍କ ମତରେ ଗୋଟିଏ କିଲୋଗ୍ରାମ ଧାନ ଉତ୍ପାଦନ ଲାଗି ଆବଶ୍ୟକ ହୋଇଥାଏ ପ୍ରାୟ ୩୦୦୦ ଲିଟର ଜଳ । କେବଳ ସେତିକି ନୁହେଁ, ଧାନ ଚାଷରୁ ନିର୍ଗତ ହେଉଥିବା 'ସବୁଜ ଛୋଟରି ବାଷ୍ପ' ବା 'ଗ୍ରିନ ହାଉସ ଗ୍ୟାସ' ହେଉ ବା ପ୍ରତି ଶୀତ ଋତୁ ପ୍ରାରମ୍ଭରେ ଉତ୍ତର ପ୍ରଦେଶ ଓ ହରିଆଣାରେ ହେଉଥିବା ଧାନ କ୍ଷେତରେ ନଡ଼ା ପୋଡ଼ି ହେଉ; ପରିବେଶକୁ ବିପନ୍ନ କରୁଛି । ଗୁଲାଟି କହନ୍ତି ଯେ ଧାନର ଆଗ୍ରହାତିଶୟକୁ ଓହରି ଚାଷୀମାନେ ଭାଲି ଜାତୀୟ ଉତ୍ପାଦନ ଲାଗି ଉଲ୍ଲେଖ କରାଯାଇ ନାହିଁ । ଏହାର ଅର୍ଥ କ'ଣ ରାଜ୍ୟପାଳ ମହାଶୟ ଗୋଟିଏ ଗୋଟିଏ ବିଲ୍କୁ ସ୍ୱୀକୃତି ନ ଦେଇ ବର୍ଷ ବର୍ଷ ଜାଳ ପରେଇ ରଖିବେ ଆଉ ପଚାରିଲେ କହିବେ ସଂବିଧାନ ଅନୁଯାୟୀ ଏହା ଯଥା ଶୀଘ୍ର ସମ୍ଭବ କରାଯିବ ? ଏହିଭଳି ଯୁକ୍ତି ରାଜ୍ୟ ବିଧାନସଭାମାନଙ୍କର ଆଇନ ପ୍ରଣୟନରେ ବାଧା ସୃଷ୍ଟି କରିବ ନାହିଁ କି ? ଗଣତନ୍ତ୍ରରେ ଏହା ଲୋକ ପ୍ରତିନିଧିମାନଙ୍କର ଅଧିକାରରେ ଅଯଥା ହସ୍ତକ୍ଷେପ ହୁଏଁ କି ? ଏହାର ସୁଯୋଗ ନେଇ ତାମିଲନାଡୁର ରାଜ୍ୟପାଳ ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା ପ୍ରାୟ ଦଶ ବାରଟି ମହତ୍ୱପୂର୍ଣ୍ଣ ବିଲ୍ ଗତ ୫ ବର୍ଷ ହେଲା ବିଜିନ୍ନ ବାହାନାରେ ନିଜ ପାଖରେ ପଚେଇ ରଖିଥିଲେ । ଗତ ଏପ୍ରିଲ ମାସରେ ସୁପ୍ରିମ୍ କୋର୍ଟର ଏକ ଦୁଇଜଣିଆ ବେଞ୍ଚ ଏହା ଉପରେ ବିଚାର କରି ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ଏହି 'ଯଥା ଶୀଘ୍ର ସମ୍ଭବ'ର ଏକ ଯୁକ୍ତିଯୁକ୍ତ ସମୟ ସୀମା ଅର୍ଥାତ୍ ମାସେରୁ ତିନି ମାସ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରିଦେଲେ । ତେଣୁ ଯେଉଁ ବିଲ୍ ବିଧାନସଭାରେ ପାରିତ ହୋଇ ରାଜ୍ୟପାଳଙ୍କ ସ୍ୱୀକୃତି ନିମନ୍ତେ ଆସିଥିବ ତାହା ଉପରେ ରାଜ୍ୟପାଳ ମାସେରୁ ତିନି ମାସ ଭିତରେ ନିର୍ଣ୍ଣୟ ନେବେ ଏବଂ ଯେଉଁ ବିଲ୍ ରାଜ୍ୟପାଳଙ୍କ ପାଖରୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ ପଠାଯାଇଥିବ ତାହା ଉପରେ ରାଷ୍ଟ୍ରପତି ସର୍ବାଧିକ ତିନି ମାସ ଭିତରେ ନିର୍ଣ୍ଣୟ ନେବେ ଅନ୍ୟଥା ସେହି ବିଲ୍‌ଗୁଡ଼ିକ ମନକୁ ମନ ସାଂବିଧାନିକ ସ୍ୱୀକୃତିର ମର୍ଯ୍ୟାଦା ହାସଲ କରିବ । ଏହା ସ୍ୱାଭାବିକ ଥିଲା କିନ୍ତୁ ଏହି ବିଚାରର ସାଂବିଧାନିକତା ଉପରେ ପ୍ରଶ୍ନ ଉଠେଇ ରାଷ୍ଟ୍ରପତି ସଂବିଧାନର ଧାରା ୧୪୩ ଆଧାରରେ ମାନ୍ୟବର ସୁପ୍ରିମ୍ କୋର୍ଟର ବିଶେଷ ପରାମର୍ଶ ଚାହିଁଲେ ଏବଂ ଗତ ନଭେମ୍ବର ମାସରେ ମାନ୍ୟବର ସୁପ୍ରିମ୍ କୋର୍ଟର ଏକ ୫ ଜଣିଆ ବେଞ୍ଚ ଏହିପରି ସମୟ ସୀମା ନିର୍ଦ୍ଧାରଣ ଅଣ-ସାଂବିଧାନିକ କହି ପୂର୍ବତ୍ତୁ ଦୁଇଜଣିଆ ବେଞ୍ଚର ରାୟକୁ ପ୍ରତ୍ୟାଖ୍ୟାନ କରିନେଲେ । ଅବସ୍ଥା ବର୍ତ୍ତମାନ ଯଥା ପୂର୍ବମ୍ ତଥା ପରମ୍ । ସଂବିଧାନର 'ଯଥା ଶୀଘ୍ର ସମ୍ଭବ' ତିନି ବର୍ଷ ହୋଇପାରେ କିମ୍ବା ୫ ବର୍ଷ ହୋଇପାରେ ଏବଂ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ମତରେ ଏଥିପାଇଁ କୌଣସି ସମୟ ସୀମା ନିର୍ଦ୍ଧାରଣର ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ । ଅଧିକ ବିଳମ୍ବ ହେଲେ ବିଚାର କରାଯାଇ ପାରେ କିନ୍ତୁ ଏଥିପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନ ପାରେ । ଏକଥା ସତ ଯେ ପ୍ରତ୍ୟେକ ନିୟମର ଦୁଇଟି ପାର୍ଶ୍ୱ ଥାଏ । ଜଣେ ଏଲ୍.ଏଲ୍.ବି. ନାମକ ଏକ ଚଳଚ୍ଚିତ୍ରର ତୃତୀୟ ଭାଗରେ ମାଗିଷ୍ଟ୍ରେଟ ସୁନ୍ଦର ଲାଲ ତ୍ରିପାଠୀ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଗରିବ କୃଷକମାନଙ୍କର ଜମି ଅଧିଗ୍ରହଣ ସପକ୍ଷରେ କହୁଥିବା ବିଲ୍ଲାର ଜଣେ ବରିଷ୍ଠ ଓକିଲଙ୍କୁ କହୁଛନ୍ତି, "ଓକିଲ ମହାଶୟ, ନିୟମର ଗୋଟିଏ ପାର୍ଶ୍ୱ ହେଉଛି ଏହାର ଅକ୍ଷର ଯାହା ଦୃଶ୍ୟମାନ ହୋଇଥାଏ କିନ୍ତୁ ଅନ୍ୟଟି ହେଉଛି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯାହା ଏହି ଅକ୍ଷରମାନଙ୍କ ଭିତରେ ଅଦୃଶ୍ୟ ରହିଥାଏ । ଅକ୍ଷର ସହିତ ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସଂଯୁକ୍ତି କରି ରାୟ ଦେବା ହିଁ ହେଉଛି ପ୍ରକୃତ ନ୍ୟାୟ । କାଗଜପତ୍ର ଅନୁଯାୟୀ ଆପଣଙ୍କ ଜମି ଅଧିଗ୍ରହଣ ହୋଇଥିଲେ ହେଁ ଏହା ନିୟମର ଉଦ୍ଦେଶ୍ୟକୁ ପୂରଣ କରୁନାହିଁ ତେଣୁ ଏହି ଜମି ଅଧିଗ୍ରହଣ ବେଆଇନ ଅଟେ ।" ବନ୍ଧୁଗଣ, ଏହି ବ୍ୟାଖ୍ୟା ଅନୁଯାୟୀ 'ଯଥା ଶୀଘ୍ର ସମ୍ଭବ' ଏକ ସୀମିତ ସମୟ ଯାହା କେଲେ ୫ ବର୍ଷ କିମ୍ବା ବଶ ବର୍ଷ ହୋଇ ନ ପାରେ । କଥା ହେଉଛି ଆମ ସଂବିଧାନ ରଚୟିତାମାନେ ଯେତେବେଳେ ରାଜ୍ୟପାଳଙ୍କର ଏହି ସ୍ୱୀକୃତି ଦେବାର ଅଧିକାର ଉପରେ ଲେଖିଥିଲେ ସେତେବେଳେ ସେମାନେ କେବେ ବି ଭାବି ନ ଥିଲେ ଯେ ଭବିଷ୍ୟତରେ ଏହିଭଳି ପରିସ୍ଥିତି ଉପୁଜି ପାରେ ଏବଂ ଏହାର ସୁଯୋଗ ନେଇ ରାଜ୍ୟପାଳମାନେ ବିଧାନସଭାରେ ପାରିତ ହୋଇ ସାରିଥିବା ବିଲ୍‌ଗୁଡ଼ିକ ଉପରେ କୌଣସି ନିଷ୍ପତ୍ତି ନ ନେଇ ବର୍ଷ ବର୍ଷ ଜାଳ ଝୁଲେଇ ରଖିବେ ଅନ୍ୟଥା ସେ ନିଶ୍ଚୟ ଏକ ସମୟ ସୀମା ନିର୍ଦ୍ଧାରଣ କରିଦେଇଥାନ୍ତେ ଏବଂ ଆଜି ଆମକୁ 'ଯଥା ଶୀଘ୍ର ସମ୍ଭବ'ର ବ୍ୟାଖ୍ୟା ପାଇଁ କୋର୍ଟ କରେଡ଼ିକୁ ଯିବାକୁ ପଡ଼ି ନଥାନ୍ତା ।

ଗାର୍ଜନ ସରକାର

ଯେଉଁ ସମସ୍ୟା ପ୍ରତି ଅନେକ ବିଶେଷଜ୍ଞ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି, ତାହା ହେଲା ଉଚ୍ଚମର୍ଦ୍ଦ କୌଶୋରର ସର୍ଭିଏଁ ଅହର୍ନିଶ ସ୍ମାର୍ଟଫୋନ ପର୍ଦ୍ଦାରେ ନିମଗ୍ନ ରହି ପରିବାରରେ ଯେଉଁ 'ଇକୋ ସିଷ୍ଟମ' ଗଢ଼ିବେ, ତହିଁରେ ଚିର କୁତୂହଳୀ କିଶୋର-କିଶୋରୀମାନଙ୍କୁ ଅଧିକ କାଳ ଧରି ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖାଯିବା ମଧ୍ୟ ଦୁଷ୍କର । ଆମେରିକାରେ ଆଇନ ସତ୍ତ୍ୱେ କମ୍ ବୟସର ପିଲାମାନଙ୍କୁ ଯେମିତି ବାପାଙ୍କ ବନ୍ଧୁଙ୍କ ହସ୍ତଗତ ହୋଇଯାଏ, ଅଷ୍ଟ୍ରେଲିଆରେ ସ୍ମାର୍ଟ ଫୋନକୁ ନେଇ ଚଳୁଛି ପରିସ୍ଥିତି ସୃଷ୍ଟି ହୋଇପାରେ !ଗଲା ୧୦ ତାରିଖ ଦିନ ଅଷ୍ଟ୍ରେଲିଆ ସରକାର ଏକ ବଣ୍ଡକୀୟ ଆଇନର ପ୍ରବର୍ତ୍ତନ କରି ଷୋହଳ ବର୍ଷ ବୟସରୁ କମ୍ ବୟସଙ୍କୁ ସାମାଜିକ ଗଣମାଧ୍ୟମରୁ ବହିଷ୍କାର କରିବାର ଉଦ୍ୟମ କରିଛନ୍ତି । ପ୍ରକାଶ ଥାଉ କି ଏଭଳି କରିବାରେ ଅଷ୍ଟ୍ରେଲିଆ ହେଉଛି ପ୍ରଥମ ଦେଶ । ତେବେ, କିଶୋର-କିଶୋରୀମାନଙ୍କ ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବକୁ ନେଇ ପୃଥିବୀର ସର୍ବତ୍ର ଚିନ୍ତା ଓ ଉଦ୍‌ବେଗ ପ୍ରକଟିତ ହେଉଥିବା ବେଳେ ଆଶା କରାଯାଉଛି କି ଅନ୍ୟ କିଛି ଦେଶ ଶୀଘ୍ର ଅଷ୍ଟ୍ରେଲିଆର ପଦାଙ୍କ ଅନୁସରଣ କରିବେ । ଅବଶ୍ୟ, ଏଭଳି ଏକ ଆଇନର ଯଥାର୍ଥତା ସନ୍ଦେହାତୀତ, କିନ୍ତୁ ପ୍ରଶ୍ନ ହେଲା ସାମାଜିକ ଗଣମାଧ୍ୟମର ମାୟାବୀ ଆକର୍ଷଣରେ ସମ୍ପୂର୍ଣ୍ଣ ବିମାଳିତ ପୁଢ଼ାମାନେ ଏଭଳି ଏକ ଆଇନ ଫଳପ୍ରଦ ହେବ ତ ? ସୁତରାଂ, ଏ ସଂବର୍ତ୍ତଳିତ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି ଅଷ୍ଟ୍ରେଲିଆ ସରକାର ଏହି ଦାୟିତ୍ୱ ପିଲାମାନଙ୍କ ପିତାମାତା ବା ଅଭିଭାବକଙ୍କୁ ନ ଦେଇ ସାମାଜିକ ଗଣମାଧ୍ୟମ ମଂଚଗୁଡ଼ିକର ପରିଚାଳକ କେଜ୍ କଂପାନିଙ୍କ ଉପରେ ନ୍ୟସ୍ତ କରିଛନ୍ତି, ଯେଉଁମାନେ ଉନ୍ନତ ପ୍ରଯୁକ୍ତି ଏଙ୍ଗ ଏ.ଆଇ.(କୃତ୍ରିମ ବୁଦ୍ଧିମତ୍ତା) ବ୍ୟବହାର କରି ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ବୟସ ନିରୂପଣ କରିବା ସହ ନିର୍ଦ୍ଧାରିତ ବୟସ ସୀମାଠୁ କମ୍ ବୟସଙ୍କୁ ସାମାଜିକ ଗଣମାଧ୍ୟମର ପହଂଚୁରୁ ଦୂରରେ ରଖୁବେ । ଏହି ଆଇନର ଅବମାନନାକାରୀଙ୍କୁ ୩୫ ନିୟୁତ ଆମେରିକୀୟ ଡଲାରର ମୋଟା ଜରିମାନା ଦ୍ୱାରା ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଅଷ୍ଟ୍ରେଲିଆ ସରକାରଙ୍କ ତର୍କ କହିଥାଏ ଯେ କେ ?ଶୋରରେ ସାମାଜିକ ଗଣମାଧ୍ୟମ ସହିତ ନିଗଡ଼ ସଂପୃକ୍ତି ହେତୁ ଅସୁମାରି ପିଲା ମାନସିକ ଅସୁସ୍ଥତାର ଶିକାର ହେଉଛନ୍ତି, ଯାହା ଉଚ୍ଚାଙ୍ଗ ଗବେଷଣାମୂଳକ ବିଦ୍ୟାବିଦ୍ୟା ଦଷ୍ଟାବେଜରୁ ଅତ୍ୟନ୍ତ ସ୍ପଷ୍ଟ; ଯେମିତି 'ଓ୍ୱାଲ ଷ୍ଟ୍ରିଟ୍ ଜର୍ନାଲ' ଦ୍ୱାରା ପ୍ରକାଶିତ ଏକ ଗବେଷଣାର ନିଷ୍କର୍ଷ ହେଲା ଏହା ଯେ 'ଦନଷ୍ଟାଗ୍ରାମ' ବ୍ୟବହାରକାରୀ କିଶୋରୀମାନଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ ସେମାନଙ୍କ ରୂପ, ଦେଶାଭୂଷା, ସାମାଜିକ ଚଳଣି ଓ ଆର୍ଥିକ ସ୍ଥିତିକୁ ନେଇ ଗଭୀର ହୀନମନ୍ୟତାର ଶିକାର ହୁଅନ୍ତି; କାରଣ 'ଇନଷ୍ଟା'ରେ ଆବିର୍ଭୂତ ହେଉଥିବା ଅନେକ ଝିଅଙ୍କ ରୂପ ଲାବଣ୍ୟ ବା ଅନ୍ୟାନ୍ୟ ହଟତମତ ଅତୁଳନୀୟ ବୋଲି ଭାବି ନେଇ ସେମାନେ ନିଜକୁ ନ୍ୟୂନ ଦୃଷ୍ଟିରେ ଦେଖିବାକୁ ଲାଗନ୍ତି । କହିବା ବାହୁଲ୍ୟ, ଅବଲାଜା କ୍ରମେ ଏହି ଭାବନା ତୀବ୍ର ବିଷାଦବୋଧକୁ ମଧ୍ୟ ଜନ୍ମ ?ଦେଇଥାଏ । ପୁଣି କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମର 'ଆଭାସୀ ଦୁନିଆ'ରେ ଅଶରୀରୀ ଉପସ୍ଥିତି ସମ୍ଭବ ହେଉଥିବାରୁ, ତା'ର ସୁଯୋଗ ନେଇ ଜାତକ ଯୌନ କ୍ଷୁଧାଗ୍ରସ୍ତ ଅଙ୍ଗଭଙ୍ଗ ବାନର ସୋଠାରେ ଅହରହ ବିଚରଣଶୀଳ, ଯେଉଁମାନଙ୍କ ସର୍ବାଧିକ ସହଜ ଲକ୍ଷ୍ୟ ଶିକାର ହେଉଛନ୍ତି ଏଭଳି କିଶୋର-କିଶୋରୀ । ଛୋଟ ପିଲାଙ୍କ ମନୋଜଂଜନ ସକାଶେ ଖୁଦ୍ ଆବୃତ ସର୍ବବୃହତ୍ ଆପ୍ 'ରିବଲ୍ ?ସ'ରେ ଏଭଳି ଯୌନ ବିକାରଗ୍ରସ୍ତଙ୍କ ଅବାଧ ଉପସ୍ଥିତି ପ୍ରଗଢ ହୋଇ ତୀବ୍ର ଚାଟଲ୍ୟ ସୃଷ୍ଟି କରିଯାଉଛି । ଏବଂ ଉତ୍‌ବେଗର ବିଷୟ ହେଲା ଏଭଳି ଅନେକ 'ଆପ୍ ?' ଏବେ ବି ସକ୍ରିୟ ଏବଂ ସନ୍ତର୍ପଣରେ ଅଭିସନ୍ଧି ହାସଲରେ ବ୍ୟାପୃତ । ସେହି ଦୃଷ୍ଟିରୁ ଅଷ୍ଟ୍ରେଲୀୟ ଆଇନଟି ଯେ ସମ୍ପୂର୍ଣ୍ଣ ଯୁକ୍ତିସଂଗତ, ତହିଁରେ ସନ୍ଦେହ ନାହିଁ । କିନ୍ତୁ, ପ୍ରଶ୍ନ ହେଲା ଏହାକୁ ପୂର୍ଣ୍ଣତଃ କାର୍ଯ୍ୟକାରୀ କରାଯିବା ସମ୍ଭବ ତ ? ପ୍ରକାଶ ଥାଉ କି ଆଇନଟି ଆସିବା ମାତ୍

ଭିସୁଟ, ବୁର୍ଲାର ୧୭ତମ ସମାବର୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ
ବିଜ୍ଞାନ ଓ ଜ୍ଞାନକୌଶଳର ବିନିଯୋଗ ମାନବ କଲ୍ୟାଣ ପାଇଁ ହେବା ଆବଶ୍ୟକ: ଧର୍ମେନ୍ଦ୍ର ପ୍ରଧାନ

ବୁର୍ଲା/ସମ୍ବଲପୁର, ୨୭/୧୨(ନି/ପ୍ର): ବୁର୍ଲାର ବିଶେଷତ୍ୱ ହେଉଛି ଏହାର ଉଦ୍ୟୋଗୀ ମାନସିକତା । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍ ?)ର ପୂର୍ବତନ ଛାତ୍ରଛାତ୍ରୀମାନେ 'ସମ୍ବଲପୁରୀ ହବ୍' ଭଳି ଷ୍ଟାର୍ଟଅପ୍ କରି ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି । ମନେରଖିବାକୁ ହେବ ଯେ, ବିଜ୍ଞାନ ଓ ଜ୍ଞାନକୌଶଳର ମୂଳ ଉଦ୍ଦେଶ୍ୟ କେବଳ ଭୌତିକ ଉପଲବ୍ଧି ନୁହେଁ, ବରଂ ମାନବ କଲ୍ୟାଣ ହେବା ଉଚିତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଭିସୁଟର ୧୭ତମ ସମାବର୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ବିଗତ ବର୍ଷର ଗୌରବମୟ ଯାତ୍ରା ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଗଣିତ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଗଠନ କରିଛି, ଯେଉଁମାନେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜ ମାତୃଭୂମି ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିଛନ୍ତି । ଆଜିର ଶୁଭ ଅବସରରେ ଡିଗ୍ରୀ, ଉପାଧି ଓ ପଦକ ଲାଭ କରିଥିବା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନୂଆ ଜାତୀୟ ଶିକ୍ଷା ନୀତିକୁ ମନପ୍ରାଣ ଦେଇ କାର୍ଯ୍ୟକାରୀ କରିବାରେ ଭିସୁଟ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଉଭା ହୋଇଛି । ଆଜିର ଅବସରରେ ଭିସୁଟ୍ ପକ୍ଷରୁ ଓଡ଼ିଆ ଭାଷାରେ 'ପ୍ରୟୋଗଶାଳା ନିର୍ଦ୍ଦେଶିକା' ସମେତ ତିନୋଟି ହ୍ୟାଣ୍ଡବୁକ୍ ଉନ୍ମୋଚନ ଏହାର ଜ୍ୱଳନ୍ତ ପ୍ରତିଫଳନ । ଆଉଆଉଟି ମାତ୍ରାସର ପ୍ରଫେସରଙ୍କ ସହଯୋଗରେ 'ଏଆଇ ଟୁଲ୍' ମାଧ୍ୟମରେ ମାତୃଭାଷାରେ ବୈଷୟିକ ଶିକ୍ଷାଦାନ ସମ୍ଭବ ହୋଇପାରିଛି । ଆଜିର ଯୁଗରେ ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା କଳ ? ମଣିଷ ଜୀବନକୁ ସରଳ କରିବା ପାଇଁ ନୂତନତା ବା 'ନବାଚାର'ର ଆବଶ୍ୟକତା ରହିଛି । ସମ୍ବଲପୁରର ଇତିହାସ ଅତି ପ୍ରାଚୀନ ; ଭୀମମଣ୍ଡଳୀରେ ପ୍ରାୟ ୧୦ ହଜାର ବର୍ଷ ତଳେ ଏଠାକାର 'ରକ୍ ଆର୍ଟ' ବା ଶୈଳଚିତ୍ର ପ୍ରମାଣ ଦିଏ ଯେ ସେତେବେଳେ ମଧ୍ୟ ମଣିଷ କୌଣସି ନା କୌଣସି 'ଟୁଲ୍' ବ୍ୟବହାର କରି ନିଜର ଅଭିବ୍ୟକ୍ତିକୁ ପ୍ରକାଶ କରୁଥିଲା । ସେହି ଐତିହ୍ୟକୁ ଆଧାର କରି ଆଜିର ଆଧୁନିକତା ଶିକ୍ଷର ଛୁଇଁବା ଦରକାର । 'ସମ୍ଭେଦନଶୀଳତା' ହିଁ ଭିସୁଟ୍‌ର ମୂଳ ଚରିତ୍ର ଏବଂ ଓଡ଼ିଶାକୁ ବିଜିଶିକ କରିବାର ଚାବିକାଠି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଖରେ ଅଛି । ଆଜିର ଟେକ୍ନୋଲୋଜି ଯୁଗରେ ଆମେ ସମ୍ବଲପୁର ଠାରେ ଏକ 'ଭ୍ୱାଟଂମ ସେଟଂର'ର ପରିକଳ୍ପନା କରିଛୁ । ଭିସୁଟ୍ ହିଁ ଓଡ଼ିଶାର ନବନିର୍ମାଣର ପ୍ରକୃତ ମଞ୍ଜି । ଯଦି ଭିସୁଟ୍ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବ, ତେବେ ଏହି ଅନୁଷ୍ଠାନ ବିଶ୍ୱର ଅନେକ ଜଟିଳ ସମସ୍ୟାର ସମାଧାନ କେନ୍ଦ୍ର ପାଲଟିବ, ଏଥିରେ କୌଣସି ସନ୍ଦେହ ନାହିଁ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଏହି ଶିକ୍ଷାନୁଷ୍ଠାନ ପରିସରରେ ବିପୁଳୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ଶିଳ୍ପ, ବଣ୍ଟନ ବିଭାଗ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଟ୍ଟାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଲୋକ ମହୋତ୍ସବ-୨୦୨୬ ଉପଖଣ୍ଡସ୍ତରୀୟ ଆଲୋଚନାଚକ୍ର

ସମ୍ବଲପୁର,୨୭/୧୨(ନି/ପ୍ର): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ମହାବିଦ୍ୟାଳୟ ସଭାଗୃହରେ ସମ୍ବଲପୁର ଲୋକ ମହୋତ୍ସବ ୨୦୨୫ର ଉପଖଣ୍ଡସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସଂସ୍କୃତିବିତ୍ ସୁରଥ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ 'ପଶ୍ଚିମ ଓଡିଶାର ଯାନିଯାତ୍ରା' ଶୀର୍ଷକ ଆଲୋଚନା ହୋଇଥିଲା । ଏଥିରେ ଆଲୋଚକ ଭାବେ ଲୋକସଂସ୍କୃତି ଗବେଷକ ଡ. ସିଦ୍ଧାର୍ଥ ପଣ୍ଡା ପଶ୍ଚିମ ଓଡିଶାରେ ପ୍ରଚଳିତ ଯାନିଯାତ୍ରା ଗୁଡିକର ବର୍ଗୀକରଣ କରି ସଂକ୍ଷିପ୍ତ ଭାବେ ସେ ଗୁଡିକର ଦୃଷ୍ଟାନ୍ତ ସହ ଉପସ୍ଥାପନ କରିଥିଲେ । ଡ. ଭରତ ଭୂଷଣ ନନ୍ଦ ଯୋଗଦେଇ ଚଉରାଶି କୋଷ ବାମଣ୍ଡାର ଐତିହ୍ୟ ତଥା ଏହି ଅଂଚଳରେ ପ୍ରଚଳିତ ବିଭିନ୍ନ ଯାତ୍ରା ତଥା ସେସୁଡିକର ପ୍ରାଚୀନ ଅର୍ଥାତୀନ ରୂପ ପ୍ରଚାର ପ୍ରସାର ଆଦି ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ପଦ୍ମଶ୍ରୀ ମିତ୍ରଭାନୁ ଗୌଡ଼ିଆ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କୁଚିଣ୍ଡା ଅଂଚଳର ବାଣୀବୁଢଣ, ଜାପୁଲି ଆଦି ଲୋକକଳା ଓ ଯାତ୍ରାଦିର ବୈଶିଷ୍ଟ୍ୟ ଅଦ୍ୟାପି ଜଟିଳ ଭାବରେ ପ୍ରଚାରିତ ହୋଇ ପାରିନାହିଁ । ଏଭଳି ଉପଖଣ୍ଡ ସ୍ତରୀୟ କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନ ପକ୍ଷରୁ ବର୍ତମାନ ଏକ ନୂତନ ସୁଯୋଗ ସୃଷ୍ଟି ହୋଇପାରିଛି । ଆଲୋଚନାଚକ୍ର ଉପ ସମିତିର ଆବାହକ ପ୍ରତାପ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଦସ୍ୟ ମଜର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭୂତି କଲ୍ୟାଣ ପଟେଲ, ଓମ୍ ପଟେଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆୟୋଜନ କମିଟିଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମୁର୍ମୁ ପାଣିଗ୍ରାହୀ ସମ୍ବଲପୁର ଲୋକ ମହୋତ୍ସବର ଆୟମାରମ୍ଭ ଓ ଏହାର ଉଦ୍ଦେଶ୍ୟ ଉପରେ ବିଶ୍ଳେଷଣ କରିଥିଲେ । କୁଚିଣ୍ଡା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ, ଉପସମିତି ସଦସ୍ୟ ପ୍ରଣାବ ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

ବୀର ବାଲ ଦିବସ ପାଳିତ

ବଲାଙ୍ଗିର, ୨୭/୧୨(ନି/ପ୍ର): ବିଜେପି ପାଟଶେଣ୍ଢରୀ ମଣ୍ଡଳ ତରଫରୁ ଆଜି ବୀର ବାଲ ଦିବସ ପାଳନ କରାଯାଇଥିଲା । ବଲାଙ୍ଗୀର ମୁନସିପାଲଟି ୮ ନମ୍ବର ୱାର୍ଡରେ ପୁଝାରୀ ଛୋଟିଙ୍କ ସେଂଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିଖ ଗୁରୁ ଗୋବିନ୍ଦ ସିଂ ଙ୍କ ଦୁଇ ଜଣ ବାଳକ ପୁତ୍ରଙ୍କ ବଳିଦାନକୁ ନେଇ ଡିସେମ୍ବର ୨୬ ତାରିଖରେ ବୀର ବାଲ ଦିବସ ପାଳନ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ବିଜେପି ନଗର ପାଟଶେଣ୍ଢରୀ ମଣ୍ଡଳ ସଭାପତି ପାର୍ଥ ଜର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂଯୋଜନା କରିଥିଲେ ଜିଲ୍ଲା ବିଜେପି ସେଲୁଟେରୀ ସରିତା ଘୋଷୀ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାନସଭା ବିଧାୟକ ପ୍ରାର୍ଥୀ ଗୋପାଳଜି ପାଣିଗ୍ରାହୀ

ପୁଷ୍ପ ଅବଶେଷ କଳାକୃତି ଦ୍ୱାରା ନାରୀ ସଶକ୍ତିକରଣ ଶିବିର

ସମ୍ବଲପୁର,୨୭/୧୨(ନି/ପ୍ର): ସମ୍ବଲପୁରର ନିଲଜୁଲୁରୀ ଠାରେ 'ପୁଷ୍ପ ଅବଶେଷରୁ କଳାକୃତି, ଅଗରବତୀ ଓ ରଙ୍ଗ ପ୍ରସ୍ତୁତି ଦ୍ୱାରା ନାରୀ ସଶକ୍ତିକରଣ ପ୍ରଶିକ୍ଷଣ ଶିବିର' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମର ମା' ଭଉଣୀମାନଙ୍କୁ ସ୍ୱାବଲମ୍ବୀ କରିବାର ଏକ ସଶକ୍ତ ମାଧ୍ୟମ ବୋଲି ଏହାକୁ ଉଦଯାପନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏଚଟିଆଇ) ପରିସରରେ ସିଏସଆରଆର-ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ, ଲକ୍ଷ୍ନୌ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି 'ଫ୍ଲାଣ୍ଡସ୍-ଅନ୍-ଟ୍ରେନିଂ' ପ୍ରଶିକ୍ଷଣ ଶିବିରକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ- ପୁଷ୍ପକୃଷି ମିଶନ ଅଧୀନରେ ଏଠାରେ ଆମର ମାଆ ଭଉଣୀମାନେ ଅବଶେଷ ଫୁଲରୁ ନିମନ୍ତ୍ରଣ ପତ୍ର, ଅନ୍ୟାନ୍ୟ କଳାକୃତି ସାମଗ୍ରୀ ତିଆରି କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମର ମାତୃଶକ୍ତିଙ୍କୁ 'ଲକ୍ଷପତି ବିବି' ଭାବରେ ଦେଖିବାର କଳ୍ପନା କରିଛନ୍ତି । ଆଜିର ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଉଦ୍ୟୋଗୀ ହେବେ । ସ୍ଥାନୀୟ ସମ୍ବଳର ସଦୁପଯୋଗ ହେବା ସହ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ । ଏହି ପ୍ରଶଂସନୀୟ ପ୍ରୟାସ ପାଇଁ ଶ୍ରୀ ପ୍ରଧାନ ସିଏସଆରଆଇର ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଆମ ସମ୍ବଲପୁରର ଝୁଲୁମୁରା ଅଂଚଳ ପଛିଶ୍ରମୀ ଚାଷୀମାନଙ୍କର ଅଂଚଳ । ଏହି ମାଟିର ଚାଷୀ ଭାଇମାନେ ଭାଲି, ବାଦାମ, ଛତୁ, ବିଭିନ୍ନ ମୁଜ ଏବଂ ପନିପରିବା ଚାଷରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । କିନ୍ତୁ, ଏହି ଦକ୍ଷତାକୁ ଏକ ବଡ଼ ବ୍ୟବସାୟିକ ରୂପ ଦେବା ପାଇଁ ଆମକୁ କିଛି ବୃହତ ପଦକ୍ଷେପ ନେବାକୁ ହେବ । ଆମକୁ ପ୍ରତିଟି ସଂଚାୟତ ସ୍ତରରେ ଏକ 'କୃଷିଭିତ୍ତିକ ମାଷ୍ଟରପ୍ଲାନ୍' ପ୍ରସ୍ତୁତ କରିବାକୁ ପଡ଼ିବ । ମୁଁ ଜିଲ୍ଲା ପ୍ରଶାସନକୁ ଏହି ଦାୟିତ୍ୱ ଦେଉଛି ଯେ, ଝୁଲୁମୁରା ଅଂଚଳରେ ଜଳସେଚନ ପ୍ରକଳ୍ପଗୁଡ଼ିକୁ ଦ୍ରୁତଗତିରେ ସମ୍ପନ୍ନ କରାଯିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଜଳସେଚନର ସୁବିଧା ହେଲେ ଚାଷୀମାନେ ବର୍ଷସାରା ଫସଲ ଅମଳ କରିପାରିବେ । ଆଜିର ସମୟରେ କେବଳ ପାରମ୍ପରିକ ଚାଷ କଲେ ହେବ ନାହିଁ, ବରଂ କୃଷିଭିତ୍ତିକ ଅର୍ଥନୀତିକୁ ଏକ 'କମର୍ସିଆଲ ମଡେଲ' ବା ବ୍ୟବସାୟିକ ରୂପ ଦେବାକୁ ପଡ଼ିବ । ଲୋକଙ୍କ ଆର୍ଥିକ ସମ୍ପନ୍ନତା ପାଇଁ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଆମର ମୂଳ ଲକ୍ଷ୍ୟ । ଫୁଲ ଚାଷ ହେଉ ବା ପନିପରିବା ଚାଷ, ଏହାର ଗୁଣଟି ମୂଳ ସର୍ତ ହେଲା ଠିକ୍ ପ୍ରଶିକ୍ଷଣ ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା । ଅର୍ଥାତ୍ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପାଇବା ଆବଶ୍ୟକ । ଝୁଲୁମୁରାରେ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଏକ 'ବ୍ରୋଜାଲ୍ ବ୍ରାଣ୍ଡ' ତିଆରି ହେଉ । ଯଦି ଆମର ପ୍ୟାଜେଜି ଏବଂ ଚ୍ରାଙ୍କି ବିଶ୍ୱସ୍ତରୀୟ ହେବ, ତେବେ ଆମ ସାମଗ୍ରୀର ଚାହିଦା ବଢ଼ିବ । ଆଜି ଆମ ରାଜ୍ୟର ପନିପରିବା ବିଦେଶ ବଜାରକୁ ରପ୍ତାନି ହେଉଛି । ଆମ ଝୁଲୁମୁରା ଏବଂ ସମ୍ବଲପୁରର ଚାଷୀଙ୍କ ହାତତିଆରି ସାମଗ୍ରୀ ମଧ୍ୟ ବିଦେଶ ବଜାରରେ ପହଞ୍ଚାଇବା ପାଇଁ ପ୍ରୟାସ ହେବା ଉଚିତ୍ । ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେହି ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ ମତପ୍ରକାଶ କରିଥିଲେ ।

ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ସେବା ସମ୍ମାନ ସମାରୋହ

ସୁବର୍ଣ୍ଣପୁର,୨୭/୧୨(ନି/ପ୍ର): ସୁବର୍ଣ୍ଣ ଭାରତୀ ପରିବାର ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ 'ସେବା ସମ୍ମାନ ସମାରୋହ ୨୦୨୪, ୨୦୨୫ ଓ ୨୦୨୬' ପାଇଁ ବିଭିନ୍ନ କ୍ଷେତ୍ରରେ ସେବା ଓ ସମାଜର ହିତ ପାଇଁ କାର୍ଯ୍ୟ କରି ଆସୁଥିବା ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ ଆଜିର ଏହି ଉତ୍ସବରେ ଏସପି ନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ ସୌମ୍ୟା ରୂପା ରଥ, ଆରଏସଏସର ସହ ପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର ପଣ୍ଡା, ଜବି ଆର୍ଚଡ଼ାଣ ବାବୁ, ପ୍ରଧାପକ ଜମାଳାକ ନାଗ ଯୋଗ ଦେଇ ସୁବର୍ଣ୍ଣ ଭାରତୀ ପରିବାରର ସମ୍ମାନ ସମରୋହ ଅୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ କ୍ଷ ଅନୁଷ୍ଠାନ ପକ୍ଷରୁ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକଙ୍କୁ ଏବଂ ଭାରତ ବିକାଶ ପରିଷଦର ସୁନନ୍ଦା ସାହୁ ଓ ଉଦ୍ଭୋଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କୁ 'ମୃତ୍ୟୁଞ୍ଜୟ ଆତ୍ମା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ଶ୍ରୀ ଗୋପାଳ ଜୀ ବିଭୁ କୃପା ସମ୍ମାନରେ ସୋନପୁର ଉପ ଜିଲ୍ଲାପାଳ ଡଃ. ସୌମ୍ୟା ରୂପା ରଥଙ୍କୁ ସମ୍ବର୍ଧିତ କରାଯାଇଥିଲା । ସୁବର୍ଣ୍ଣ ଗୌରବ ମରଣୋତର ସମ୍ମାନରେ ସ୍ୱର୍ଗତ ମୋହନ ମେହେର, ବି. ସୁବାମ ପାତ୍ର ଓ ବାଣୀ ସେଟି ଶ୍ରୀ ହରି ପାତ୍ରଙ୍କ ସମ୍ମାନ ତାଙ୍କ ପରିବାରଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ସମ୍ବାଦଶ୍ରୀ ସମ୍ମାନରେ ସ୍ୱାଧୀନ ମେହେର, ନେତୃତ୍ୱ ଶ୍ରୀ ସମ୍ମାନରେ ମନୋରଞ୍ଜନ ତ୍ରିପାଠୀ, ଶିକ୍ଷା ଶ୍ରୀ ସମ୍ମାନରେ ଦେବେନ୍ଦ୍ର ପ୍ରଧାନ, ଗତି କୃଷ୍ଣ ମିଶ୍ର ଓ ସନ୍ତୋଷ ପୁଝାରୀ, ଧର୍ମ କଲ୍ୟାଣୀ ସମ୍ମାନରେ ନନ୍ଦିନୀ ଶତପଥି, ଯୋଗ ଶ୍ରୀ ସମ୍ମାନରେ ନ୍ୟୁନ ଚନ୍ଦ୍ର ପୁଝାରୀ, ସୁରେଶ ଚନ୍ଦ୍ର ବେହେରା, ସୁବର୍ଣ୍ଣ ଶ୍ରୀ ସମ୍ମାନରେ ପୌଲମି ମେହେର, ସତ୍ୟ ନାରାୟଣ ସାହୁ ଓ ଜୟ ନାରାୟଣ ସା, ନାରୀ ଶକ୍ତି ସମ୍ମାନରେ ମଞ୍ଜୁଳା ମିଶ୍ର, ଏଡଲାଂଚର ବାଲକ୍ ରାଇଜର୍ ସମ୍ମାନରେ ମିଥୁନ ସାହୁ, ସଂସ୍କୃତି ସୁରକ୍ଷା ସମ୍ମାନରେ ବୈକୁଣ୍ଠ ଶତପଥୀ, ଘନଶ୍ୟାମ ଭ୍ୟାସ ଓ ପ୍ରସାଦୁ ପ୍ରଧାନ, ଆତ୍ମଶ୍ରୀ ସମ୍ମାନରେ ରଞ୍ଜନ କୁମାର ମିଶ୍ର, ସୁବର୍ଣ୍ଣ ଶ୍ରୀମୟୀ ସମ୍ମାନରେ କେ. ବର୍ଷା, ଯୁବ ନେତୃତ୍ୱ ସମ୍ମାନରେ ପୀୟୂଷ କୁମାର ପଣ୍ଡା, ସଙ୍ଗୀତ ଶ୍ରୀ ସମ୍ମାନରେ କୃଷ୍ଣ ଚନ୍ଦ୍ର ସିଂହଗିଧ, ଶୀତିକାର ସମ୍ମାନରେ ଯୁଧିଷ୍ଠିର ବାରିକ, ସବ ଭାବନା ସମ୍ମାନ ରେ ଏକଲୋକେଟ ନରବେବ ଲୋର, ନାଟ୍ୟଶ୍ରୀ ସମ୍ମାନରେ ଗିରିଜା ଶଙ୍କର ସାହୁ, ସୁରକ୍ଷା ସମ୍ମାନରେ ଏଙ୍କୁ ଆର୍ମି ସଂଘ କର୍ମକର୍ତାଙ୍କୁ ଓ ଦେବ ଦମ୍ପତି ସମ୍ମାନରେ ଭଗବତୀ ରାୟଗୁରୁ, ପ୍ରତାପ କେଶରୀ ରାୟ ଗୁରୁ, ବୃନ୍ଦାବନ ରଥ ଜୟନ୍ତୀ ରଥ ଓ ଗୁଣନିଧି ପାତ୍ର ପ୍ରେମ ଶିଳା ପାତ୍ରଙ୍କ ସମେତ ସୋନପୁର ସହର ସମାଜର ୫୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି ସେବା ସମ୍ମାନ ସମାରୋହରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଧିତ କରାଯାଇଥିଲା କ୍ଷ ଦୟାନନ୍ଦ ପବ୍ଲିକ ସ୍କୁଲ ଓ ସୁବର୍ଣ୍ଣ ଭାରତୀ ପରିବାରର ସମସ୍ତ ସଦସ୍ୟ, ଚିତର, କର୍ମଚାରୀ ଓ ଭାରତ ବିକାଶ ପରିଷଦର ସଭାପତି ଦୂର୍ଯୋଧନ ସାହୁ, ସଦସ୍ୟା ସୁନନ୍ଦା ସାହୁ, କବିତା ପଧାନ, ସୁଭାଷିନୀ ଷଡ଼ଙ୍ଗୀ ପ୍ରମୁଖ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶ୍ରୀମତୀ ସୁନନ୍ଦା ସାହୁ ଓ ଲକ୍ଷ୍ମୀ ନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ଦୂର୍ଯୋଧନ ସାହୁ, କବିତା ପଧାନ ଓ ସୁଭାଷିନୀ ଷଡ଼ଙ୍ଗୀ ଅତିଥି ସ୍ୱାଗତ କରିଥିଲେ । ସୁବର୍ଣ୍ଣ ଭାରତୀ ପରିବାର ପ୍ରମୁଖ ଶିବ ପ୍ରସାଦ ପାତ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା ।

ସମ୍ବଲପୁରରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

ସିପିଆଇର ଶତବାର୍ଷିକୀ ପାଳନ

ଜୟପୁର,୨୭/୧୨(ନି/ପ୍ର):କୋରାପୁଟ ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ସଭା ବୃନ୍ଦା ବଚନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶତବାର୍ଷିକୀ ପାଳନ ଆରମ୍ଭ ୨୦୨୪ ଡିସେମ୍ବର ୨୬ ରେ ଆରମ୍ଭ ହୋଇଥିଲା । ଆଜିର ସଭାରେ ପାର୍ଟି ର ଜିଲ୍ଲା ପରିଷଦ ସଭ୍ୟ ମାନେ ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ରାଜ୍ୟ ପରିଷଦ ସଭ୍ୟ ତଥା ଜିଲ୍ଲା ସମ୍ପାଦକ ରାମକୃଷ୍ଣ ବାସ ପାର୍ଟି ସଭ୍ୟ ପଦ ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଛନ୍ତି । ବିଶେଷ କରି ଧାନର ଅଲାବୀ ବିକ୍ରି, ବେକାରୀ ସମସ୍ୟା ସମାଧାନ, ବରବାମ୍ ବୃଦ୍ଧି ଏବଂ ସର୍ବୋପରି ଦେଶର ସମ୍ବିଧାନ ଉପରେ ଆକ୍ରମଣ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି ସହ ଅଭିଯାନ ଜୋରଦାର କରିବା

ଶ୍ରଦ୍ଧାର ରୌପ୍ୟଜୟନ୍ତୀ ସମାରୋହ

ରାଉରକେଲା,୨୭/୧୨(ନି/ପ୍): ଦିବ୍ୟାଙ୍ଗଙ୍କ ପାଇଁ ସମର୍ପିତ ସାମାଜିକ ଅନୁଷ୍ଠାନ ଶ୍ରଦ୍ଧା ର ରୌପ୍ୟଜୟନ୍ତୀ ସମାରୋହ ବସ୍ତିଆ ମେମୋରିଆଲ ଟ୍ରଷ୍ଟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଶ୍ରଦ୍ଧାର ସଭାପତି ଡ ରାମକୃଷ୍ଣ ବିଶ୍ୱାଳଙ୍କ ସଭାପତିତ୍ୱ ଓ ସମ୍ପାଦକ କାର୍ତ୍ତିକଚନ୍ଦ୍ର ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରଧାନ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଡିଏସଏସପି ଅଶୋକ କୁମାର ବିଶି, ଟିପିକୁଣ୍ଡଓଏଏଲ ର ସିଏସଆର ମୁଖ୍ୟ ନବନିତ ନିରଜ, ଓଡ଼ିଶା ପରିବାରର ସଭାପତି ଶ୍ରୀ ରାଜିଶ୍ୱାମ ପଣ୍ଡା , ମୟୁରଭଞ୍ଜ ଆଇଟିଡିଏ ପ୍ରୋଗ୍ରାମ ପ୍ରବନ୍ଧକ ସ୍ୱର୍ଣ୍ଣପ୍ରଭା ରଥ, ସରକାରୀ ଅଧିକାରୀ ସୈନ୍ୟବାସୀ ବେହେରା ଓ ଆଭାସୀ କାର୍ଯ୍ୟକ୍ରମରେ ସ୍ୱାଭିମାନ ର ମୁଖ୍ୟ ବ ସ୍ମୃତି ମହାପାତ୍ର,ଏସଏସଇପିଡି ର ରାଜ୍ୟ କମିଶନର ବ୍ରତତୀ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ । ସ୍ୱାଧୀନ କୁମାର ଖଟୁଆ ଓ ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ସଭାପତି ଡ଼ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟବାଳୀ ସଭାପତି ପଶୁପତିନାଥ ଚାଟାର୍ଜୀ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ତଥା ସାଧାରଣ ସମ୍ପାଦକ ଶ୍ରୀ ପାଣ୍ଡବ ବାର୍ଷିକ ବିବରଣୀ ପାଠ କରିଥିଲେ । ଉଚ୍ଚାଟକ ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ତୁମିଆରେ ଜେହି ଅକ୍ଷମ ନୁହଁନ୍ତି, ସମସ୍ତେ ସକ୍ଷମ । ବୃଦ୍ଧ ଲଛାଶକ୍ତି ଥିଲେ ସ୍ୱପ୍ନର ଆକାଶକୁ ଛୁଇଁ ହୁଏ । ମୁଖ୍ୟଅତିଥି ଶ୍ରୀ ନାୟକ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା ଓ ଦାୟିତ୍ୱବୋଧ, ଭାମଭୋଲ ସାମର୍ଥ୍ୟ ଶିବିର ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ସୁମନ୍ତ ସ୍ୱାଇଁ, ଜବିତା ଦାସ, ରବିନ୍ଦ୍ର କୁମାର ପାଣ୍ଡବ,ତ ପ୍ରଭାକର ନାୟକ,ପ୍ରଜ୍ଞା ପରମିତା ଶତପଥୀ,ସଂଜୁକ୍ତା ରାଜଗୁରୁ ମହାପାତ୍ର, ଅର୍ପିତା ବଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଗ୍ରୋପ୍ର ଜୟନ୍ତୀ ସ୍ମରଣିକା ଶ୍ରଦ୍ଧାବାସ କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନ ସହ କଳିତ ଥିବା ଦିବଙ୍ଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଅନୁଶ୍ରୀ ସାମଲ ଓ ଶ୍ରଦ୍ଧାର ଅନ୍ତେବାସୀ ଗ୍ରୁପ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଉପସଭାପତି ଡ ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରିନୁଲତା ମହାରଣା, ଅର୍ଚନା ମିଞ୍ଜ, ଅଞ୍ଜଳି ମହାରଣା, ଗଗନ ମହାନ୍ତି, ସୁଲତା ରାଉତ, ସୁକୁମାର ପାଣ୍ଡବ,ମଳୟ ପଣ୍ଡା, ଧରେନ ଓଝା, ଦିପ୍ତା ଶର୍ମା, ସନ୍ତୋଷୀ କୁମାର, ଜତିଶ୍ରୀ ଦାସ, କୃଷ୍ଣା ଗୋପ,ଶିବୁ ମାହାତୋ,ଓ୍ୱକିଦ୍ ହୁସେନ,ବୀରେଶ ଗୋପ,ପ୍ରୀତମ କୁମାର,ଗଣେଶ ମିଞ୍ଜ,ବାହାରୁ ଓରାମ,କରଣ ଗୌ ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଟ୍ରକ୍ ଏବଂ ହାଇୱା ମୁହାଁମୁହିଁ ଧକ୍କା : ୨ ଡ୍ରାଇଭରଙ୍କ ମୃତ୍ୟୁ

ରାଉରକେଲା/କୋଇଡା ୨୭/୧୨(ନି/ପ୍): ଦିନକୁ ଦିନ ଜାତୀୟ ରାଜପଥ ୫୨୦ ଏକ ମରଣଯନ୍ତ୍ରାରେ ପରିଣତ ହେବାରେ ଲାଗିଛି । ଗତକାଲି ରାତିରେ ଆଉ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନା ସୀମା ଅନ୍ତର୍ଗତ ବୁନାଘାଟିରେ ଏକ କୋଇଲା ବୋଝେଇ ଟ୍ରକ୍ ଏବଂ ଏକ ଲୁହା ବୋଝେଇ ହାଉଣ୍ଡା ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଡ୍ରାଇଭରଙ୍କ ଜୀବନ ଯାଇଛି । ସୂଚନା ଅନୁସାରେ ମଧ୍ୟରାତ୍ରିରେ କୁଣ୍ଡୁକୁପାଣି ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ଦୁର୍ଘଟଣା ପରେ ଦୁଇର ଟ୍ରକରି ନିଆଁଲାଗିଯାଇଥିଲା । ସୂଚନା ପାଇବା ପରେ କେ. ବଲାଙ୍ଗ ଥାନାର ପୋଲିସ୍ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ କୋଇଡା ଅଗ୍ନିଶମ ସେବା ଙ୍କୁ ସହାୟତା କାଢ଼ିଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ଏବଂ ଜଟର ବ୍ୟବହାର କରି ଫସି ରହିଥିବା ଗାଡ଼ିଗୁଡ଼ିକରେ ଫସି ରହିଥିବା ଦୁଇ ଡ୍ରାଇଭରଙ୍କୁ ବାହାର କରିଥିଲେ । ଉଦ୍ଧାର ହେବା ବେଳକୁ ଉଭୟ ଡ୍ରାଇଭରଙ୍କ ମୃତ୍ୟୁ ହୋଇସାରିଥିଲା । ଏହି ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥରେ ବ୍ୟାପକ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା , ଘଟଣା ଘଟଣା ଧରି ଯାନବାହାନର ଲମ୍ବା ଧାଡ଼ି ଲାଗି ରହିଥିଲା । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ୍ ପାଇଁ ପଠାଇଛି ।

ବରଟୋଲି ଭାଗବତ ଅଗଣାରେ ତୁଳସୀ ପୂଜନ

ରାଉରକେଲା,୨୭/୧୨(ନି/ପ୍): ବରଟୋଲି ସ୍ଥିତ ଭାଗବତ ଅଗଣାରେ ତୁଳସୀ ପୂଜନ ମହା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଅଛି । ଆୟୋଜକ ବରଟୋଲି ସାଂସ୍କୃତିକ ପରିଷଦର ସଭାପତି ରମାକାନ୍ତ ସୂତାର, ଭାଗବତ ଅଗଣାର ସଭାପତି ସୁପ୍ରଭା ଆଚାର୍ଯ୍ୟ ଓ ଅନ୍ୟ ସଭ୍ୟ-ସଭ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ତୁଳସୀ ପୂଜନର ମୁଖ୍ୟ, ବେଦାନ୍ତ ସେବା ସମିତି-ହନୁମାନ ବାଟିକାର ଉପାଧ୍ୟକ୍ଷ ସମୀର କୁମାର ପଟ୍ଟନାୟକ, ସହଯୋଗୀ ପ୍ରୀତି ବିଶ୍ୱକର୍ମା ଲଳିତ-ମଧୁର କଣ୍ଠରେ ତୁଳସୀ ମାଆଙ୍କ ବନ୍ଦନା କରିବା ସହ ତୁଳସୀ ପୂଜାର ମହାତ୍ମ୍ୟ ଆଲୋଚନା କରିଥିଲେ । ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିରେ ତୁଳସୀ ମାତା ସମସ୍ତଙ୍କ ଘର ଅଗଣାରେ ପୂଜା ହେଉଥିବା ବେଳେ ଏହାର ମହତ୍ୱ ଆମେ ଜଣଲୋକ ବୁଝିନଥା'ନ୍ତି । ଭାଗବତ ଅଗଣାର ସମ୍ପାଦିକା ଲକ୍ଷ୍ମୀବାଳା ଆଚାର୍ଯ୍ୟ ଓ ସଭ୍ୟା ପ୍ରତିଭା ଦାସ, ରାନୀ ବେହେରା, ମୀନା ବାରିକ ପ୍ରମୋଦା ନାୟକ, ମାଳାବତୀ ନାୟକ, ଚାପସ ମୋହିନୀ ଦାସ, ସ୍ୱପ୍ନା ପଟ୍ଟନାୟକ, ଶାନ୍ତି ଝା, ପ୍ରଭାତୀ ବାରିକ, ତ୍ରିବେଣୀ ସୂତାର, ସୁପ୍ରଭା ମହାନ୍ତି, ସସ୍ମିତା ବିଶ୍ୱାଳ, ତେଜସ୍ୱିନୀ ସାହୁ, ଚନ୍ଦ୍ରମା ନାୟକ, ବିରାଜିନୀ ପ୍ରଧାନ, ଇନ୍ଦୁମତୀ ବିଶ୍ୱାଳ, ଗୀତାରାଣୀ ପଣ୍ଡା, ରାନି ବାରିକ, ସରସ୍ୱତୀ ଜେନା, ସରୋଜିନୀ ବର୍ମା ପ୍ରମୁଖ ମହିଳା ତୁଳସୀ ପୂଜନରେ ସହଭାଗୀ ହୋଇଥିଲା ।ବେଳେ ଅଲେଖ ଚନ୍ଦ୍ର ପାଣି , ଧରେଶ୍ୱର ଦାସ, ଚନ୍ଦ୍ରକାନ୍ତ ପରିଡ଼ା, କିଶୋର ମହାନ୍ତି ପ୍ରମୁଖ ସଭ୍ୟ-ସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ସହ ଭାବ ଭକ୍ତିର ତାଳେ ତାଳେ ଭାଗବତ ଅଗଣାକୁ ଆଧ୍ୟାତ୍ମିକମୟ କରିତୋଳିଥିଲେ ।

ଶିକ୍ଷା, ସ୍ୱଚ୍ଛ ପରିବେଶର ସୁରକ୍ଷା ଓ ବିକାଶର ଦାୟିତ୍ୱ ନିଅନ୍ତୁ ଯୁବପିଢ଼ି: ଧର୍ମେନ୍ଦ୍ର ପ୍ରଧାନ

ରାଉରକେଲା,୨୭/୧୨: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଅଇଠେ) ପଶ୍ଚିମ ଓଡ଼ିଶାର ୫୦ତମ ଅଧିବେଶନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଯୁବପିଢ଼ିଙ୍କୁ ଦାୟିତ୍ୱ ଓ ନେତୃତ୍ୱ ନେବାକୁ ହେବ । ଓଡ଼ିଶାରେ ଶିକ୍ଷା, ସ୍ୱଚ୍ଛ ପରିବେଶ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ଯୁବଜନମାନଙ୍କୁ ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ିବ । ସେ କହିଛନ୍ତି ଯେ, ଯେଉଁ ଯୁବଜନମାନଙ୍କ ବୟସ ଏବେ ୨୦ ବର୍ଷ, ସେମାନଙ୍କ ପାଖରେ କାମ କରିବା ପାଇଁ ଅନେକ ସମୟ ଅଛି । ଉପଚ ସିଂ, ବିର୍ସା ମୁଣ୍ଡା, ବନ୍ଧି ଜଗବନ୍ଧୁ ଓ ସୁରେନ୍ଦ୍ର ସାଏ ଯୁବପିଢ଼ିଙ୍କ ପାଇଁ ଆଦର୍ଶ, ଯେଉଁମାନେ ନିଜକୁ ଦେଶ ପାଇଁ ସମର୍ପିତ କରିଥିଲେ । ସୁଗୁ ଗୋବିନ୍ଦ ସିଂହ ସାହେବଜାଦାଙ୍କ ବଳିଦାନକୁ ମନେ ପକାଇ ସେ କହିଛନ୍ତି ଯେ, ସେମାନେ ରାଷ୍ଟ୍ର ଓ ସମାଜ ପାଇଁ ସବୁକିଛି ତ୍ୟାଗ କରିଥିଲେ । ଏହି ବୟସର ଯୁବଜନମାନେ ଅତ୍ୟନ୍ତ ଭାଗ୍ୟବାନ । ଜୀବନର ଉଦ୍ଦେଶ୍ୟ କ'ଣ ତାହା ଜାଣିବାକୁ ହେବ । ବିଦ୍ୟାର୍ଥୀ ପରିଷଦ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯୁବଜନମାନଙ୍କୁ ସେହି ଉଦ୍ଦେଶ୍ୟ ବୋଧ କରାଇଥାଏ । ଏହା ନିଜର ଅଧିକାର ଓ ସମ୍ବିଧାନର ସୁରକ୍ଷା ପାଇଁ ଦାୟିତ୍ୱବୋଧ ଜାଗ୍ରତ କରେ । ଯୁବପିଢ଼ିଙ୍କୁ ନେତୃତ୍ୱ ନେବାର ଆବଶ୍ୟକତା ରହିଛି । ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଶିଶୁ ବାଟିକା ହିଁ ଶିକ୍ଷା ନୀତିର ଆଧାର । ଦେଶରେ କାର୍ଯ୍ୟକ୍ଷମ ବୟସ ୧୫ ରୁ ୫୨ ବର୍ଷ ଅଟେ । ୯୦ କୋଟି ଲୋକ ଅର୍ଥାତ୍ ମାତ୍ର ୫୦ ପ୍ରତିଶତ ଲୋକ କାମ କରୁଛନ୍ତି । ବିକାଶ ପାଇଁ ୭୫ ପ୍ରତିଶତ ଲୋକଙ୍କୁ କାମ କରିବାକୁ ହେବ । ଏଥିପାଇଁ ସମସ୍ତଙ୍କୁ ଦକ୍ଷ (ଜଣସକ୍ଷମଲକ୍ଷଣ) ହେବାକୁ ପଡ଼ିବ । ରୋଜଗାର ପାଇଁ କେବଳ ଚାକିରି ଖୋଜିବା ନୁହେଁ, ବରଂ ଚାକିରି ଦେବା ଶିଖିବାକୁ ହେବ । ନିଜର ଆବଶ୍ୟକତା ସହ ବିଶ୍ୱର ଆବଶ୍ୟକତା ପୂରଣ କରିବା ଆମର ଲକ୍ଷ୍ୟ ହେବା ଉଚିତ । ଭାରତ ଏବେ ବିଶ୍ୱର ନେତୃତ୍ୱ ନେଉଛି । ସମଗ୍ର ବିଶ୍ୱରେ ଡିଜିଟାଲ କାରବାରର ପ୍ରାୟ ୫୦ ପ୍ରତିଶତ କେବଳ ଭାରତରେ ହେଉଛି ।

ସମସାନ୍ ମହାପରବ ମଟଂସ୍ଥ

ରାଉରକେଲା,୨୭/୧୨(ନି/ପ୍): ଶ୍ୱବନ,ଆୟୋଜିତ ୩୬ ତମ ସର୍ବ ଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ସିଭିକ୍ ସେଣ୍ଟର ମଂଚରେ ଗୋଆଲିୟର ର ' ଆର ଟି ଏମ୍ ପରଫରମିଙ୍ଗ ଆର୍ଟସ ମଂଚସ୍ଥ ହୋଇଥିଲା ହିନ୍ଦୀ ଭାଷାର ନାଟକ 'ସମସାନ୍ ମହାପରବ' ଯାହାର ନିର୍ଦ୍ଦେଶନା ଦେଇଥିଲେ 'ଙ୍କଜ ସିଂ କୋଚାର' । ମହାଭାରତ ଯୁଦ୍ଧର ଭୟାବହତା,ଯୁଦ୍ଧ କ୍ଷେତ୍ରକୁ ଶ୍ମଶାନରେ ପରିଣତ କରିଦେଇଥିଲା । ଏଥିରେ ଅନେକ ଗରିବ ପିଲା ଯିଏ ସେବା କରିବା ପାଇଁ ସୈନ୍ୟ ବିଭାଗରେ ଯୋଗ ଦେଇଥିଲେ । ଯୁଦ୍ଧ ଯୋଗୁଁ ପିତା ମାତାଙ୍କୁ ଛାଡି ସମସ୍ତେ ମୃତ୍ୟୁ ବରଣ କରିଥିଲେ । ନାଟକରେ ପରୋକ୍ଷରେ ଯୁଦ୍ଧ ବନ୍ଦର ଭାବନା ଦିଆଯାଇଛି । ଅଥଚାରେ ସାଧାରଣ ଲୋକଙ୍କ ମୃତ୍ୟୁ ନ କରିବାପାଇଁ କୁହାଯାଇଛି । ଅଭିନୟ କୌଶଳ ,ସଂଳାପ ଉଚ୍ଚାରଣ ସର୍ବୋପରି ଆଂଗିକ, ବାଚିକ,ଆହାର୍ଯ୍ୟ ଓ ସାତ୍ୱିକ ଅଭିନୟ ର ସଫଳ ପ୍ରୟୋଗରେ ନାଟକଟି ଚମତ୍କାର ଭାବରେ ପରିବେଷିତ ହୋଇଥିଲା ।

ଅଟଳଜୀଙ୍କ ଜନ୍ମ ଶତବାର୍ଷିକୀରେ ବିଜେପିର ଶ୍ରଦ୍ଧା ସୁମନ ଅର୍ପଣ ସହିତ ସେବାକାର୍ଯ୍ୟ

ରାଉରକେଲା,୨୭/୧୨(ନି/ପ୍): ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ତରଫରୁ ବୁଧବିନ ଅର୍ଥାତ ୨୪.୧୨.୨୦୨୫ ଏବଂ ୨୫.୧୨.୨୦୨୫ ଧରି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ତା ୨୪.୧୨.୨୦୨୫ ରିଖ ବୁଧବାର ଦିନ ଆୟାଗାନ ଛକ ନିକଟସ୍ଥ ପାର୍କ ରେ ଥିବା ଅଟଳଜୀଙ୍କ ପ୍ରତିମୂର୍ତ୍ତି ଚତୁଷପାର୍ଶ୍ୱସ୍ଥ ସ୍ୱଚ୍ଛ ଏବଂ ଧୌତ କରାଯାଇ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ଙ୍ଗଧାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମଧ୍ୟ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସେହିପରି ତା ୨୫.୧୨.୨୦୨୪ ରିଖ ଗୁରୁବାର ଦିନ ସଭାନେତ୍ରୀ ଶ୍ରୀମତୀ ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ଆୟାଗାନ ଛକ ନିକଟସ୍ଥ ଅଟଳ ପାର୍କ ରେ ଥିବା ଅଟଳଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ରଘୁନାଥପଲ୍ଲୀ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତୀ ମହୋଦୟଙ୍କ ସମେତ ବହୁ ସଂଖ୍ୟାରେ ସମ୍ମାନନୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଗଣ ଏକତ୍ରିତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତି ମହୋଦୟ ଅଟଳଜୀଙ୍କ ଜୀବନୀ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କର ଶ୍ରୁତି ଚାରଣ କରିଥିଲେ ଏବଂ ତାଙ୍କ ଅବଦାନ ଉପରେ ଆଲୋଳପାତ କରିଥିଲେ । ଅଟଳଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶ ସେବାରେ ନିଜକୁ ସମର୍ପଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହାପରେ ଜିଲ୍ଲା ବିଜେପି ସଭାନେତ୍ରୀ ଶ୍ରୀମତୀ ପୂର୍ଣ୍ଣିମା କେରକେଟା ଏବଂ ରଘୁନାଥ ପଲ୍ଲୀ ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତି ମହୋଦୟ ଙ୍କ ସମେତ ଉପସ୍ଥିତ ସମସ୍ତେ ଟିମର କଲୋନୀ ନିକଟସ୍ଥ ଶାନ୍ତି ଭବନ ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ ।

ଜୁଆ ଆଡାରେ ଚଢ଼ାଉ ଲକ୍ଷଧିକ ଟଙ୍କା ଜବତ ୮ ଗିରଫ

ରାଜଗାଙ୍ଗପୁର,୨୭/୧୨(ନି/ପ୍): ସୁନ୍ଦରଗଡ଼ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ବଡ଼ଗାଁ ପୋଲିସ ଥାନା ଅଧିକାରୀ ଙ୍କ ନେତୃତ୍ୱ ରେ ଏକ ଟିମ ଗଠନ କରି ଯାଇ ବେହେରାମାଳ ଗ୍ରାମର ଫୁଟବଲ ପଡିଆ ନିକଟରେ ବହୁ ଦିନ ରୁ ଚାଲି ଆସୁଥିବା ଜୁଆ ଆଡାର ଚାରି ପଟୁ ଘେରାଉ କରା ଅଚାନକ ରାତ୍ର ୨ଟା ସମୟରେ ଚଢ଼ାଉ କରା ଥିଲେ । ଏହି ଜୁଆ ଆଡ୍ଡାରେ ବହୁ ସଙ୍ଗାରେ ଯୁଆଡ଼ି ମାନେ ଉପସ୍ଥିତ ଥିଲେ ପୋଲିସକୁ ଦେଖି ବହୁ ଯୁଆଡ଼ି ଅନ୍ଧାର ମଧ୍ୟରେ ଦୌଡ଼ିବାଲି ଯିବା ବେଳେ ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ଗିରଫ କରିବାରେ ସଫଳ ହୋଇ ଥିଲେ ।ତଢ଼ାଉ ସମୟରେ ଜୁଆ ସମ୍ପର୍କିତ ସାମଗ୍ରୀ ସହ ନଗଦ ଟଙ୍କା ରୁ. ୭,୭୦,୦୫୦/- ଜବତ କରାଯାଇଛି, ଏକ ମାଗୁଡି ସୁଲୁଛି (୪୫), ପିତା–ଅର୍ଜୁନ କିଶାନ, ଗ୍ରାମ–ନେତ୍ରା ଡଖଡ଼ ରେଡି. ନଂ- ଜଏ୧୬ଅସ-୮୫୫୮,ବିଭିନ୍ନ ବ୍ରାଣ୍ଡ ର ୧୦ଟି ମୋବାଇଲ ଫୋନ, ଏବଂ ଅନ୍ୟାନ୍ୟ ଜୁଆ ସାମଗ୍ରୀ ମଧ୍ୟରେ ୩ଟି ଗୁଡ ଗୁଡି ପତି ୩୦ଟି ତାଇସ ୩ଟି ଗୁଡଗୁଡି ଡ୍ୟା ୭ଟି ଗ୍ଲାସ ଟାରପିଲିଙ୍ଗ,ଜୟଜ, ବ୍ୟବସ୍ଥାପନ କରିବା ପାଇଁ ବହୁତ ସାମଗ୍ରୀ ଜବତ କରିବା ସହ ୮ଜଣଙ୍କୁ ଗିରଫ କରା ଥିଲେ ଏମାନଙ୍କ ମଧ୍ୟରେ ମୁଖ୍ୟ ଆୟୋଜନ କାରୀ ମହେନ୍ଦ୍ର ଲୁହା (୫୫), ପିତା–ଦୁଖି ଶଙ୍କର, ଗ୍ରାମ–ଜୁଆପୁଷ୍ପା, ପୋ.ଆ.–ଗୋବିନ୍ଦପୁର, ଜି.–ସମ୍ବଲପୁର ।ଜଏଟି ଖିଲାରୀ (୫୩), ପିତା–ଲିଙ୍ଗରାଜ ଖିଲାରୀ, ଗ୍ରାମ–ପାମ୍ପା (ଜୁଆଡ଼ା), ପୋ.ଆ.-ବଡ଼ଗାଁ , ଜି.ସୁନ୍ଦରଗଡ଼ । ମହାଦେବ ବେହେରା (୫୭), ପିତା– ଚନ୍ଦ୍ରଧର ବେହେରା, ଗ୍ରାମ– ଜୁଆରାମାଳ, ଧରୁଆଡିହି, ଜି ୭,୭୦,୦୫୦/- ଜବତ ସୁନ୍ଦରଗଡ଼ । ଚାରାଚନ୍ଦ କିଶାନ କରାଯାଇଛି, ଏକ ମାଗୁଡି ସୁଲୁଛି (୪୫), ପିତା–ଅର୍ଜୁନ କିଶାନ, ଗ୍ରାମ–ସାନଫୁଙ୍ଗୀବାହାଳ, ପୋ.ଆ ଗୋବିନ୍ଦପୁର, ଜିଲ୍ଲା ସୁନ୍ଦରଗଡ଼ ।ସତ୍ରୁଘ୍ନ କୁମାର କୌଡ଼ି (୪୮), ପିତା–ରାଜକୁମାର କୌଡ଼ି, ଗ୍ରାମ–ସୁନ୍ଦରଗଡ଼ (ଜୁଆପଡ଼ା) ଉଦୟନାଥ ପ୍ରଧାନ (୫୧), ପିତା– ଗଣେଶ ପ୍ରଧାନ, ଗ୍ରାମ ବାଲଡ଼ାମାଳ, ପିତା ସବର, ଜିଲ୍ଲା ସୁନ୍ଦରଗଡ଼ । କନ୍ଦୁ ପେଗୁଆ (୫୪), ପିତା–ଜୁର୍ଯ୍ୟୋଧନ ପେଗୁଆ, ଗ୍ରାମ–ଜୁଲୁଲିଆ,ଏମାନେ ଙ୍କୁ ଗିରଫ କରା ଚଢ଼ଉଁ ଥାନା ବେସ ନମ ୩୫୫/୨୫ ଧାରା ୩ ଓଡିଶା ଗେମ୍ବୁଲିଙ୍କ ଆକ୍ଟ ରେ ଲୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

ରାଉରକେଲା ବିଜେଡ଼ିର ୨୯ ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୨୭/୧୨(ନି/ପ୍): ପ୍ରତିବର୍ଷ ପରି ଚଳିତବର୍ଷ, ରାଉରକେଲା ବିଜେଡ଼ିର ଯୁବ,ମହିଳା,ଛାତ୍ର ଓ ବରିଷ୍ଠ ନେତାମାନଙ୍କ ସହଯୋଗ